

Trikaya-GP 12 84 ORI

Campa
Campa
Campa
ଆମେ ଏକାଠି
ନେଉଛୁ
କାମ୍ପାର ମଜା
ସ୍ୱାଦ ମଉଜ ମଧୁର
କାମ୍ପା ଅରେଞ୍ଜ ଫ୍ଲେବର
ଫଳ ମଣ୍ଡ ବିହୀନ କୃତ୍ରିମ ସ୍ୱାଦଯୁକ୍ତ ଫଳ ରସ ।
OBM/5361

Digitization by :-
Deb's Library Corner...

ଜହ୍ନମାମୁଁ

ସଂସ୍ଥାପକ : 'ଚକ୍ରପାଣୀ'
ସଞ୍ଚାଳକ : ନାଗି ରେଡ୍ଡୀ

ଭାରତର ନଦନଦୀ ପଛରେ ଯେଉଁ ଭଳି ଚିତ୍ତାକର୍ଷକ କାହାଣୀମାନ ରହିଛି, ତାହା ଅତୁଳନୀୟ । ବର୍ତ୍ତମାନ 'ଜହ୍ନମାମୁଁ' ସେହିସବୁ ସୁନ୍ଦର କାହାଣୀ ଚିତ୍ରକଥା ମାଧ୍ୟମରେ ପରିବେଷଣ କରୁଛି । ଏ ସଂଖ୍ୟାରେ ରହିଛି ଯମୁନା ନଦୀର ଅନନ୍ୟ କାହାଣୀ ।

ଅମରବାଣୀ

ଏକେନ ତିଷ୍ଠତା ଧସ୍ତାଧନ୍ୟେନୋପରି ତିଷ୍ଠତା ।
ଦାତୃଯାଚକୟୋର୍ଭେଦଃ କରାଭ୍ୟାମେବ ସୂଚିତଃ ॥

[ଯିଏ ଦାନ ଦିଏ, ତା' ହାତ ଉପରେ ଥାଏ; ନେବା ଲୋକର ହାତ ଥାଏ ତଳେ । ଦାତା ଯେ ଗ୍ରହିତାଠାରୁ ମହତ୍, ହସ୍ତର ଏହି ଦୁଇ ସ୍ଥିତି ତାହାହିଁ ସୂଚାଉଛନ୍ତି ।

ବର୍ଷ : ୪ ଏପ୍ରିଲ ୧୯୮୫ ଅଙ୍କ : ୧୦

ପ୍ରତିସଂଖ୍ୟା : ଟ. ୧-୦୦ :: ବାର୍ଷିକ ମୂଲ୍ୟ : ଟ. ୧୪-୦୦

A CHANDAMAMA PUBLICATION

ଗୋଟିଏ ବ୍ରଣ ଉଠିଲେ, ଗୋଟି ଗୋଟି ହୋଇ ଅନେକ ବ୍ରଣ ଉଠେ,
ସେଇଥିପାଇଁ ଆପଣଙ୍କର ଦରକାର ନୂଆ ଉନ୍ନତ କ୍ଲିଅରେସିଲ୍‌ର ବିଶେଷ ଉପଚାର

ନୂଆ ଉନ୍ନତ
କ୍ଲିଅରେସିଲ

ଆଣ୍ଟି-ବ୍ୟାକ୍ଟେରିୟାଲ
ଟ୍ରାଇକ୍ଲୋସେନ ଯୁକ୍ତ

ବ୍ରଣସବୁ ସଫା କରିଦିଏ
ଆଉ ନୂଆ
ବ୍ରଣ ଉଠିବାକୁ ଦିଏ ନାହିଁ

Digitization by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

Special Thanks to
Raghunath Sethy,Tambahara
(for Contribution this Book)

ବୟସ ବଢ଼ିବା ସଙ୍ଗେ ସଙ୍ଗେ ବ୍ରଣ ଉଠିଥାଏ, ଏହା ସ୍ୱାଭାବିକ । କିଶୋର ବୟସରେ ବ୍ରଣ ଉଠୁଥାଏ ଓ ଲିଭି ଯାଉଥାଏ । ତେବେ ତାକୁ ଅବହେଳା କଲେ କିମ୍ବା ସେଥିପାଇଁ ବ୍ୟସ୍ତ ହୋଇପଡ଼ିଲେ ବ୍ରଣ ଯେ ଭଲ ହୋଇଯିବ ତା ନୁହେଁ । ଆଉ ମଧ୍ୟ ନଖରେ ଚିପି ଖିଲ ବାହାର କରିଦେଲେ ଯେ କଥା ସରିଗଲା ତା ବି ନୁହେଁ । ଫଳ ହୁଏ, ସଂକ୍ରମଣ ବଢ଼େ ଓ ବେଶୀ ବେଶୀ ବ୍ରଣ ହୁଏ ।

ଟ୍ରାଇକ୍ଲୋସାନ ଯୁକ୍ତ ନୂଆ ଉନ୍ନତ କ୍ଲିଅରେସିଲ ଫଳପ୍ରଦ ଭାବେ ବ୍ରଣ ସମସ୍ୟାର ସମାଧାନ କରିଦେବା ପାଇଁ ଅତି ଉପଯୁକ୍ତ, କାହିଁକି ?

କାରଣ, ନୂଆ ଉନ୍ନତ କ୍ଲିଅରେସିଲ କେବଳ ଯେ ବ୍ରଣସବୁ ସଫା କରିଦିଏ ତା ନୁହେଁ, ନୂଆ ବ୍ରଣ ନ କରେଇ ଦେବାରେ ମଧ୍ୟ ସାହାଯ୍ୟ କରେ । କାରଣ ଏଥିରେ ଅଛି ଏକ ବିଶେଷ ଆଣ୍ଟି-ବ୍ୟାକ୍‌ଟେରିୟଲ ଔଷଧତତ୍ତ୍ୱ — ଟ୍ରାଇକ୍ଲୋସାନ । ଟ୍ରାଇକ୍ଲୋସାନଯୁକ୍ତ ନୂଆ ଉନ୍ନତ କ୍ଲିଅରେସିଲ ବ୍ରଣ କରଉଥିବା ଜୀବାଣୁର ବୃଦ୍ଧି ବନ୍ଦ କରେ ଓ ତ୍ୱଚାର ଅବଶିଷ୍ଟ ଅଂଶକୁ ସଂକ୍ରମଣରୁ ସୁରକ୍ଷିତ ରଖେ । ତେଣୁ ଆପଣଙ୍କର ବ୍ରଣ ଆଉ ମାଡିପାରେ ନାହିଁ ।

ନୂଆ ଉନ୍ନତ କ୍ଲିଅରେସିଲରୁ ସର୍ବୋତ୍କୃଷ୍ଟ ଫଳ ପାଇବେ କିପରି?

ପ୍ରଥମେ ମୁହଁ ଧୋଇ ନିଅନ୍ତୁ । ତା ପରେ ମୁହଁ ସାରା ନୂଆ ଉନ୍ନତ କ୍ଲିଅରେସିଲ ଲଗାନ୍ତୁ । ବ୍ରଣ ଉପରେ ଟିକେ ବେଶୀ କରି ଲଗାନ୍ତୁ ।

ସର୍ବୋତ୍କୃଷ୍ଟ ଫଳ ପାଇବା ପାଇଁ, ନିୟମିତଭାବେ ଦିନକୁ ଅନ୍ତତଃ ଦୁଇଥର ନୂଆ ଉନ୍ନତ କ୍ଲିଅରେସିଲ ଲଗାନ୍ତୁ— ସକାଳେ ଓ ରାତିରେ । ଏହାଭଳି କିଛିଦିନ ବରାବର ଲଗାନ୍ତୁ ।

ଟ୍ରାଇକ୍ଲୋସାନ ଯୁକ୍ତ ନୂଆ ଉନ୍ନତ କ୍ଲିଅରେସିଲ ଅପୂର୍ବ ରୂପେ ୩ ଭାବରେ କାର୍ଯ୍ୟ କରେ—

ବ୍ରଣ ସବୁ ଶୋଷିଦିଏ
ବିଶେଷ ଔଷଧତତ୍ତ୍ୱ ବ୍ରଣ ଖୋଲପାସବୁ ଛଡ଼େଇ ଦେବାରେ ସାହାଯ୍ୟ କରେ

ଜୀବାଣୁର ପ୍ରତିରୋଧ କରେ
ଏହାର ଆଣ୍ଟି-ବ୍ୟାକ୍‌ଟେରିୟଲ କ୍ରିୟା, ବ୍ରଣ କରଉଥିବା ଓ ମଲେଇଥିବା ଜୀବାଣୁର ପ୍ରତିରୋଧ କରେ

ବ୍ରଣସବୁ ଶୁଖେଇ ଦିଏ
ମାତ୍ରାଧିକ ତେଲକୁ ଶୋଷିନେଇ ବ୍ରଣସବୁ ଶୁଖେଇ ଦେବାରେ ସାହାଯ୍ୟ କରେ

ନୂଆ ଉନ୍ନତ କ୍ଲିଅରେସିଲ, ଦାଗଗୁଡିକୁ ମଧ୍ୟ ନରମ କରିଦେଇ ଫିକା କରିଦେଇ ପାରେ ।

ଆଉ ମଧ୍ୟ ପାଇବେ :
କ୍ଲିଅରେସିଲ ଭ୍ୟାନିଶିଂ ଔଷଧ

OBM/3556 ORI



ସନ୍ଦେହ

ସୁମନ୍ତପୁର ଗାଁର କଥା । ଜୟରାମ ଗାଁର ଜଣେ ଥିଲାବାଲା ଲୋକ ।

ହଠାତ୍ ସେଦିନ ଜୟରାମ ଘରେ କୋଳାହଳ ଶୁଭିଲା । ପ୍ରତିବେଶୀମାନେ କ୍ରମେ ସେ କୋଳାହଳ ପ୍ରତି ଆକୃଷ୍ଟ ହେଲେ । କଥା କ'ଣ ? ଶୋଇବା ବେଳକୁ ଜୟରାମର ସ୍ତ୍ରୀ ତା' ସୁନାମୁଦି ଖୋଲି କେଉଁଠି ରଖି କାମ ଦାମ କରୁଥିଲା । କିନ୍ତୁ ସକାଳୁ ଉଠି ଖୋଜେ ମୁଦିଟି ସେଠାରେ ନାହିଁ, କି କେଉଁଠି ବି ନାହିଁ ।

ଜୟରାମର ସ୍ତ୍ରୀ ଜୟରାମକୁ ପଚାରିଲା, "ମୁଦି ଦେଖିଛ ?"

"ଦେଖିଛି ।" ଜୟରାମ କହିଲା ।

"କେଉଁଠି ?" ସ୍ତ୍ରୀ ପଚାରିଲା ।

"ତମ ଆଙ୍ଗୁଳିରେ ଦେଖିଛି, ଆଉରି କେବେ କାହିଁ ଦେଖିଛି !" ଜୟରାମ ଉତ୍ତର ଦେଲା ।

"ଫାଇଲାମି କରନାହିଁ । ମୁଦି ଏଇଠି ଥିଲା; ଗଲା କୁଆଡ଼େ ?" ଜୟରାମର ସ୍ତ୍ରୀ ବିବ୍ରତ ହୋଇ କହିଲା ।

ସେଉଠୁ ପୁଅକୁ ଡାକି ପଚାରିବାରୁ ସେ ମଧ୍ୟ କିଛି ଜାଣେ ନାହିଁ ବୋଲି କହିଲା ।

ତା'ହେଲେ ମୁଦି ଗଲା କୁଆଡ଼େ ? ତାଙ୍କ ଘରେ ଆସି କାମ କରିଦେଇ ଯାଏ ଲୀଳା । ଲୀଳାକୁ ଡାକି ସେମାନେ ପ୍ରଶ୍ନ କଲେ, "ତୁ ମୁଦି ନେଇଛୁ ?" ଚମକି ପଡି ଲୀଳା କହିଲା, "ମୁଦି ? ମୁଁ ମୁଦି ନେବି କାହିଁକି ?"

"କାହିଁକି ମାନେ ? ମୂଲ୍ୟବାନ ଜିନିଷ ଲୋକେ କାହିଁକି ନିଅନ୍ତି ? ବିକି କରି ପଇସା ପାଇବେ ବୋଲି । ମାନି ଯା । ନହେଲେ..." ଜୟରାମ ଧମକ ଦେଲା ।

"ଓଃ, ତମେ କହୁଛ ମୁଁ ଚୋରି କରିଛି ?" ଲୀଳା କାନ୍ଦ କାନ୍ଦ ହୋଇ ପଚାରିଲା ।

Digitization by :-
Deb's Library Corner...



"ମୁଦି ଦେଇ ଦେ। ତୋ କଥାରୁ, ମୁହଁରୁ, ହାବଭଙ୍ଗୀରୁ ଏକଥା ସ୍ପଷ୍ଟ ଯେ ତୁ ମୁଦି ନେଇଛୁ। ଦେଇ ଦେ, ନହେଲେ ଅବସ୍ଥା ଖରାପ ହେବ।" ଜୟରାମର ସ୍ତ୍ରୀ କହିଲା।

"ତମେ କି ମୋତେ ଚୋରଣୀ ବୋଲି ଠଉରାଇଲ? ଦଶବର୍ଷ କାମ କଲିଣି। କେବେ କିଛି ନେଇଥିଲି?" ଲୀଳା ଏଥର କାନ୍ଦି ପକାଇଲା।

"କେବେ ନେଇ ନଥିଲୁ କାରଣ ଆମେ ସାବଧାନରେ ଜିନିଷପତ୍ର ରଖିଥାଉଁ। ଆଉ ନେଇ ନଥିବୁ ବୋଲି କିଏ କହିବ? ସବୁବେଳେ କିଏ ତୋ ଗତିବିଧି ଉପରେ ଆଖି ରଖିଛି? ଦେଇ ଦେ, କହୁଛି। ତୋ ଛଡ଼ା ଅନ୍ୟ କେହି ଏ ଘରକୁ ଆସି ନାହିଁ। ଏକଥା ତୁ ବି ଜାଣୁ। ମୁଦି ତ ଆଉ ପବନ ପାଲଟିଗଲା ନାହିଁ!" ଜୟରାମ ପାଟିକରି କହିଲା।

ଲୀଳା ଏଥର ଭେ ଭେ ରଡ଼ି ଛାଡ଼ି କାନ୍ଦି ଉଠିଲା। ପଡ଼ୋଶୀମାନେ ଆସି କ'ଣ ହେଲା ବୋଲି ପଚାରିଲେ। ଜୟରାମ ଲୀଳା ବିରୁଦ୍ଧରେ ଅଭିଯୋଗ କଲା। କେହି କେହି ଜୟରାମର ଅଭିଯୋଗକୁ ସମର୍ଥନ କଲେ ତ କେହି କେହି ବିରୋଧ କଲେ। ଅନେକ ସମୟ ଯାଏ ପାଟିଗୋଳ ହେଲା। ଶେଷକୁ ଯିଏ ଯା କାମରେ ଚାଲିଗଲେ। ଲୀଳା କାମ ଛାଡ଼ି ଦେଇ ନିଜ ଘରକୁ ଗଲା।

ଗାଁ ମୁଣ୍ଡରେ ରଘୁଦାସର ଘର। ସେ ଅନେକ ସମୟରେ ବେପାର ପାଇଁ ବାହାରେ ରହେ। ଘରେ ତା' ସ୍ତ୍ରୀ ଏକୁଟିଆ। ଗାଁର ଜଣେ ବୁଢ଼ା ରଘୁର ସ୍ତ୍ରୀକୁ କହିଲେ, "ମା! ତୋର ବା ଅଭାବ କ'ଣ। ଲୀଳାକୁ ତୋ ଘରେ କାମ ଦେ। ତା' ସ୍ୱଭାବ ଭଲ। କିଛି ନ ହେଲେ ତ ତୋ ଘର ଜଗିବ! ରଘୁ ତ ମାସକେ ପନ୍ଦରଦିନ ବାହାରେ ରହେ।"

ଏ ପ୍ରସ୍ତାବ ରଘୁ ସ୍ତ୍ରୀ ମନକୁ ପାଇଲା। ଲୀଳା ସହ କଥା ହେଲା, ସେ ତାଙ୍କ ଘରେ କାମ କରିବ। ଯେଉଁଦିନ ରଘୁ ଘରେ ନ ଥିବ, ସେଦିନ ସେ ସେଠି ଶୋଇବ।

ଦୁଇ ମାସ କଟିଗଲା। ଦିନେ ରଘୁ ସହରରୁ ଫେରି ଗାଧୁଆ ପାଧୁଆ କରିସାରି

ସ୍ତ୍ରୀକୁ ପଚାରିଲା, "ଖଣ୍ଡେ ଶହେଟଙ୍କିଆ ନୋଟ ପକେଟରେ ଥିଲା । ଗଲା କୁଆଡ଼େ ?"

"ଦେଖ, ଥିବ ନିଶ୍ଚୟ । ଯିବ ଆଉ କୁଆଡ଼େ ?" ସ୍ତ୍ରୀ କହିଲା ।

"ନା, ନାହିଁ । ଘର ଭିତରକୁ କିଏ ଆସିଥିଲା ?" ରଘୁ ପଚାରିଲା ।

"ଲୀଳା ଛଡ଼ା କେହି ଆସିନାହିଁ ତ !" ସ୍ତ୍ରୀ କହିଲା । ଦୁହେଁ ପରସ୍ପର ଆଡ଼େ ଅର୍ଥପୂର୍ଣ୍ଣ ଭାବରେ ଅନାଇଲେ । ସ୍ତ୍ରୀ କହିଲା, "ଜୟରାମ ଘରର ସେ ଘଟଣା ପରେ ଓ ତା' ସ୍ତ୍ରୀ ମୋତେ ସତର୍କ କରିଦେବା ସତ୍ତ୍ୱେ ତାକୁ ଏଠାରେ ରଖିବା ଆମର ଭୁଲ ହୋଇଛି । ଲୀଳା ବର୍ତ୍ତମାନ ଦୋକାନକୁ ଯାଇଛି । ଆସୁ । ଆଜି ସେ ଯାନେ ପାଇବ ଓ ଚଡ଼ା ଖାଇବ ।"

"ଧୈର୍ଯ୍ୟ ଧର । ହଠାତ୍ ନା ବୁଝି ନା ସୁଝି କିଛି କରି ପକାଇବା ଉଚିତ ହେବ ନାହିଁ ।" ରଘୁ କହିଲା ।

"ଯାହା ହେଉ, ତାକୁ ପଚାରିବାକୁ ହେବ ତ ! ସେ ଠିକ୍ ଘରୁ ବାହାରିଯିବା ସଙ୍ଗେ ସଙ୍ଗେ ଶହେଟିଙ୍କିଆ ନୋଟ ମିଳେଇ ଯିବ, ଏହା ତ ହୋଇ ପାରେନା !" ସ୍ତ୍ରୀ କହିଲା ।

ସେତିକିବେଳେ ଲୀଳା ଫେରୁଥିବାର ଦେଖାଗଲା । ରଘୁ ଓ ସ୍ତ୍ରୀ ତା' ଆଡ଼େ କଟମଟ କରି ଅନାଇଥା'ନ୍ତି । ସେ ଘର ଭିତରକୁ ପଶି ଆସିବା ବେଳେ କବାଟ ପାଖରେ ରହିଗଲା ଓ ନଇଁପଡ଼ି କିଛି ଉଠାଇ କହିଲା, "ଇଏ କ'ଣ ବାବୁ ! ଏଠି କ'ଣ ନୋଟ ପଡ଼ିଛି !"



ରଘୁ ଓ ତା' ସ୍ତ୍ରୀ ଦେଖିଲେ, ଲୀଳା ଶଡେ ଟଙ୍କିଆ ନୋଟ ଖଣ୍ଡିକ ଉଠାଇ ଧରିଛି ।

"ଆରେ, ଆରେ, ବର୍ତ୍ତମାନ ମନେ ପଡିଲା । ମୁଁ ପକେଟରୁ କାଗଜ ବାହାର କରି ସେ ସିନ୍ଧୁକ ଉପରେ ଥୋଇଲି । ନୋଟ ଖଣ୍ଡିକ ପକେଟରେ ରହିଛି ବୋଲି ଭାବିଥିଲି । କିନ୍ତୁ ପକେଟରେ ଆଉ ଖଣ୍ଡିଏ କାଗଜ ଅଛି । ନୋଟଟି ସିନ୍ଧୁକ ଉପରୁ ସେଠାରୁ ଉଡ଼ିଯାଇଛି ।" ରଘୁ କହିଲା ।

ରଘୁର ସ୍ତ୍ରୀ ହସି ହସି କହିଲା, "ଲୀଳା, ତୋ ଭଳି ମଣିଷଙ୍କୁ ପୁଣି ଚୋରଣୀ ଅପବାଦ ମିଳିଥିଲା !"

ଲୀଳା ଗମ୍ଭୀର ହୋଇଗଲା ଓ କହିଲା, "ମୋର ଯେତିକି ଦୁର୍ଭାଗ୍ୟ, ଜୟରାମ ଓ ତାଙ୍କ ସ୍ତ୍ରୀଙ୍କର ବି ସେତିକି ଦୁର୍ଭାଗ୍ୟ ।"

"ସେମାନଙ୍କର ଦୁର୍ଭାଗ୍ୟ ବୋଲି କାହିଁକି କହୁଛୁ ? ମୁଦି ଚୋରିଗଲା ବୋଲି ?" ରଘୁ ପଚାରିଲା ।

"ନା । ମୁଦି ଥାଇ ମଧ୍ୟ ସେମାନେ ସେଥିରୁ ବଞ୍ଚିତ ବୋଲି !" ଲୀଳା କହିଲା ।

"କ'ଣ କହୁଛୁ ବୁଝାଇ କହ !"

"ମୁଁ ଯେତେବେଳେ ତାଙ୍କ ଘରୁ ବାହାରି ଆସିଲି, ମୋର ଥଳିଟି ଆଣିବା ପାଇଁ ଫେରିଯାଇ ଘର କୋଣକୁ ଗଲି । ସେଠି ମୂଷାଗାତ ଭିତରେ ମୁଦି ଝକ୍ ଝକ୍ କରୁଥିବାର ଦେଖିଲି । ମୂଷା ଗାତରେ ତାକୁ ଟାଣି ନେଇଯାଇଥିଲା ।"

"ତେବେ ତୁ କହିଲୁ ନାହିଁ ?" ଆଶ୍ଚର୍ଯ୍ୟ ହୋଇ ରଘୁ ଓ ତା' ସ୍ତ୍ରୀ ପଚାରିଲେ ।

"ସେତେବେଳେ ଯେପରି ପରିସ୍ଥିତି, ମୁଁ ଯଦି ମୁଦି ବାହାର କରି ଆଣିଥାନ୍ତି, ତେବେ ସେମାନେ ଭାବିଥାନ୍ତେ ମୁଁ ଡରି ମରି ତାହା ଫେରାଇଦେଲି । ମୂଷାଗାତ କଥା ମିଛ । ମୁଁ ଭାବିଲି, ଦଇବ ସଦୟ ହେଲେ ସେମାନେ ତାକୁ ପାଇବେ, ନହେଲେ ନାହିଁ ।" ଲୀଳା ଉତ୍ତର ଦେଲା ।



ଧୂସର ଦୁର୍ଗ



[୪]

[ସୁବାହୁ ଜଣେ ବାରବୁଲା ରୂପେ ଅଭିନୟ କରି ସର୍ପକେତୁର ଅନୁଗତମାନଙ୍କ କବଳରୁ ନିଷ୍କୃତି ପାଇଗଲା । ସର୍ପକେତୁର ଲୋକେ ଛଳ କପଟ କରି ବୀରପୁର ଦୁର୍ଗ ଭିତରେ ପଶିଗଲେ । ଚନ୍ଦ୍ରବର୍ମାଙ୍କୁ ଏ ବିପଜ୍ଜନକ ପରିସ୍ଥିତି ବିଷୟରେ ଚେତାଇଦେବା ନିମନ୍ତେ ସୁବାହୁ ରାଜମହଲ ଆଡ଼େ ଦୌଡ଼ିଲେ । ତା'ପରେ...]

ସୁବାହୁ ପ୍ରାଣମୂର୍ଚ୍ଛା ଦୌଡ଼ୁଥାନ୍ତି । ପଛରେ ପାଦଶବ୍ଦ କ୍ରମେ ସ୍ପଷ୍ଟରୁ ସ୍ପଷ୍ଟତର ହେବାର ଶୁଣି ପାରିବା ସତ୍ତ୍ୱେ ଫେରି ପଡି ଅନାଇବା ଭଳି ସମୟ ତାଙ୍କ ହାତରେ ନଥିଲା । କୌଣସି ମତେ ସେ ଯୁବରାଜ ଚନ୍ଦ୍ରବର୍ମାଙ୍କୁ ତାଙ୍କ ବିପଦ ବିଷୟରେ ଖବର ଦେଇଦେଲେ ତେଣିକି ନିଶ୍ଚିନ୍ତ ଅନୁଭବ କରିବେ ଓ ଯାହା ହେବାର ହେଲେ ବି ବିଚଳିତ ବୋଧ କରିବେ ନାହିଁ । ପରଲୋକଗତ ରାଜାଙ୍କ ନିର୍ଦ୍ଦେଶ ମାନି ସେ ଯଦି ଯୁବରାଜଙ୍କୁ ସତର୍କ କରି ଦେଇ ପାରିବେ, ତେଣିକି ନିଜେ ପ୍ରାଣ ଦେବାକୁ ମଧ୍ୟ ସେ ପଛାଇବେ ନାହିଁ ।

ନିଜ ପଛରେ ସେ ଶୁଣି ପାରୁଥିଲେ ଅନ୍ୱେଷଣକାରୀଙ୍କ ବିକଟ ରଡି । ସୁବାହୁ ଶେଷ

Digitization by :-
Deb's Library Corner...

ଥର ପାଇଁ ଆତୁର ଗତ ବଢ଼ାଇଦେଲେ ଓ ରାଜମହଲ ଆଗରେ ଥିବା ପ୍ରହରୀମାନଙ୍କୁ ସମ୍ବୋଧନ କରି ପାଟି କରି କହିଲେ, "ମୁଁ ସୁବାହୁ । ମୋତେ ବାଧା ଦିଅନାହିଁ । ମୋ ପଛରେ ଏମାନେ ହେଲେ ସର୍ପକେତୁର ଲୋକ । ଏମାନେ ଶତ୍ରୁ । ସାବଧାନ କୌଣସି ମତେ ଏମାନଙ୍କୁ ଭିତରକୁ ଯିବାକୁ ଦେବ ନାହିଁ । ଆମର ସବୁ ସୈନ୍ୟଙ୍କୁ ସତର୍କ କରିଦିଅ ।"

ପ୍ରହରୀମାନେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଗଲେ । ତେବେ ସୁବାହୁଙ୍କୁ ଚିହ୍ନିପାରି ସେମାନେ ବାଟ ଛାଡ଼ି ଦେଲେ । ସୁବାହୁ ରାଜମହଲ ଭିତରକୁ ପଶିଗଲେ ।

ସର୍ପକେତୁର ସୈନିକମାନେ ଭିତରେ ପଶିବାକୁ ଉଦ୍ୟମ କରିବାରୁ ପ୍ରହରୀମାନେ ବାଧା ଦେଲେ । ଦୁଇ ପକ୍ଷ ଭିତରେ ଭୀଷଣ ସଂଘର୍ଷ ଲାଗିଗଲା । ସୁବାହୁ ପାହାଡ଼ ଆରୋହଣ କରି ଉପରକୁ ଯାଉଁ ଯାଉଁ ପାଟି କରୁଥାନ୍ତି, "ଯୁବରାଜ ! ସାବଧାନ ! ବିଶ୍ୱାସ ଘାତକ ସର୍ପକେତୁର ସୈନିକମାନେ ଆମ ଦୁର୍ଗ ଅବରୋଧ କଲେଣି ।"

ସୁବାହୁଙ୍କ ପାଟି ଶୁଣି ଯୁବରାଜଙ୍କ ନିଦ ଭାଙ୍ଗିଗଲା । ସେ ଶୟନକକ୍ଷ ଭିତରୁ ବାହାରି ଆସିଲେ । ବାହାରି ଆସିବା ମାତ୍ରେ ଶୁଣିଲେ କୋଳାହଳ । ଆଶ୍ଚର୍ଯ୍ୟ ହୋଇ ସେ ଛାତ ଉପରକୁ ଦୌଡ଼ିଗଲେ । ସୁବାହୁ ଅଣ-ନିଃଶ୍ୱାସୀ ହୋଇ ସେଇଠି ଯାଇ ତାଙ୍କୁ ଭେଟିଲେ ଓ କହିଲେ, "ଯୁବରାଜ ! ସର୍ପ-କେତୁର ସୈନ୍ୟମାନେ ଦଗା ଦେଇ ଦୁର୍ଗ ଭିତରେ ପଶିଛନ୍ତି । ସଙ୍ଗେ ସଙ୍ଗେ ଆମ ସୈନ୍ୟମାନଙ୍କୁ ସେମାନଙ୍କୁ ବାଧା ଦେବାକୁ କହନ୍ତୁ । ଆଉ ଯାହା କରିବାର କରନ୍ତୁ ।"

ଚନ୍ଦ୍ରବର୍ମା ଗୋଟିଏ ମୁହୂର୍ତ୍ତ ପାଇଁ ନିର୍ବାକ ହୋଇ ରହିଲେ । ସେତେବେଳକୁ ରାଜ-ମହଲର ଦୁଇ ପାଖରେ ଥିବା କେତୋଟି ଘରେ ନିଆଁ ଲାଗି ଯାଇଥାଏ । ମଣିଷଙ୍କ ପାଟିଗୋଳ ଓ ଘୋଡ଼ାମାନଙ୍କ ହ୍ରେଷାରବରେ ଚତୁର୍ଦ୍ଦିଗ କମ୍ପମାନ ହେଉଥାଏ । ନାରୀ ଓ ଶିଶୁମାନଙ୍କ ଆର୍ତ୍ତନାଦ ବି ଶୁଭୁଥାଏ ।



ଚନ୍ଦ୍ରବର୍ମା ତା'ପରେ ପଚାରିଲେ, "ସୁବାହୁ! ତମେ ମୋ ପିତାଙ୍କ ସହ ମହାରାଜା ଯଶୋବର୍ଦ୍ଧନଙ୍କ ଦରବାରକୁ ଯାଇଥିଲଟି? ପିତା କାହାନ୍ତି? ଏଭଳି ଅବସ୍ଥା ବା କିପରି ଉପୁଜିଲା? ହଠାତ୍ ଏଭଳି ଭାବରେ ଅଚାନକ ଆକ୍ରମଣ କରିବା ଭଳି ଶତ୍ରୁ ଆମର କିଏ? ମୁଁ କୌଣସି କଥା ବୁଝିପାରୁ ନାହିଁ। ତମେ ଯଦି ଜାଣିଛ କୁହ। ବିଶେଷତଃ ପିତାଙ୍କର ଅନୁପସ୍ଥିତିରେ ଏ ପ୍ରକାର ଆକ୍ରମଣର କାରଣ କ'ଣ ହୋଇପାରେ। ପିତା ତୁମ ସହିତ ନ ଆସି ରହିଲେ ବା କେଉଁଠି?"

ସେ ପ୍ରଶ୍ନ ଶୁଣି ସୁବାହୁ ଦୁଃଖରେ ଥରିଗଲେ। ଯୁବରାଜଙ୍କୁ ସେ କହିବେ କ'ଣ? ମୁହଁରୁ ଅନେକ ସମୟ ଯାଏ କଥା ବାହାରିଲା ନାହିଁ। ତେବେ ଯଥାସମ୍ଭବ ଶୀଘ୍ର ସେ ନିଜ କର୍ତ୍ତବ୍ୟ ନିରୂପଣ କଲେ। ଏ ପରିସ୍ଥିତିରେ ଯୁବରାଜଙ୍କୁ ତାଙ୍କ ପିତାଙ୍କ ମୃତ୍ୟୁ ସମ୍ବାଦ ଦେବା ଠିକ୍ ହେବ ନାହିଁ ବୋଲି ସେ ବିଚାର କଲେ। କାରଣ, ସେ ସମ୍ବାଦ ତାଙ୍କୁ ହତାଶ କରିଦେବ। ସେ ଶତ୍ରୁର ମୁକାବିଲା କରିପାରିବେ ନାହିଁ। ପରେ ସେ କଥା କୁହାଯାଇ ପାରେ।

"ଯୁବରାଜ! ଆପଣଙ୍କ ପିତା ଏ ପର୍ଯ୍ୟନ୍ତ ଦୂରରେ ଅଛନ୍ତି। ବର୍ତ୍ତମାନ ଯେଉଁ ସଙ୍କଟ ଉପନୀତ ହୋଇଛି, ଏଥିରୁ କିପରି ବର୍ତ୍ତିବା, ତାହା ଚିନ୍ତା କରନ୍ତୁ। ସର୍ପକେତୁର ନିଷ୍ଠୁର ଲୋକେ ଆମର ନିରସ୍ତ୍ର ଦୁର୍ଗବାସୀଙ୍କୁ ମାରିବାରେ ଲାଗିଛନ୍ତି; ଘରେ ନିଆଁ ଲଗାଇ ଦେଉଛନ୍ତି। ଯେ କୌଣସି ମୁହୂର୍ତ୍ତରେ ସେମାନେ ରାଜମହଲ ଭିତରକୁ ପଶି ଆସିବେ। ଆପଣ ଉପସ୍ଥିତ ବିପଦରୁ ଦୁର୍ଗ ଓ ରାଜମହଲକୁ ରକ୍ଷା କରନ୍ତୁ। ପରେ ସବୁ ଶାନ୍ତ ହୋଇ ସ୍ୱାଭାବିକ ଅବସ୍ଥା ଫେରି ଆସିବା ପରେ ମୁଁ ସବୁ କହିବି। ତେବେ ବର୍ତ୍ତମାନ ପ୍ରାଣମୂର୍ଚ୍ଛା ଲଢ଼ାଇ କରି ଆମ ଦୁର୍ଗକୁ ରକ୍ଷା କରିବା ଆମର ପ୍ରଥମ କର୍ତ୍ତବ୍ୟ। ମୁହୂର୍ତ୍ତେ ମାତ୍ର ସମୟ ଅତୀତ ହେବା ସଙ୍ଗେ ସଙ୍ଗେ ଅନେକ ପ୍ରାଣ ନଷ୍ଟ ହେଉଛି।"

ସେତିକିବେଳେ ରାଜମହଲ ଭିତରେ ଥିବା ପାହାଚ ଆଡୁ କିଛି ପଦଶବ୍ଦ ଶୁଭିଲା।



ସୁବାହୁ ଚମକି ପଡ଼ିଲେ । ସେ ଯୁବରାଜଙ୍କ ଶୟନକକ୍ଷ ଭିତରକୁ ଦୌଡ଼ିଯାଇ ଦୁଇଟି ତରବାରି ଧରି ବାହାରି ଆସିଲେ । ଗୋଟିଏ ସେ ଯୁବରାଜଙ୍କୁ ଧରାଇଦେଲେ ଓ ଅନ୍ୟଟି ନିଜେ ଧରିଲେ ।

"ଯୁବରାଜ ! ଯୁବରାଜ !" ପାହାଚରୁ ପାଟି ଶୁଭିଲା ।

"କିଏ, ସେନାପତି !" ଚନ୍ଦ୍ରବର୍ମା ଉତ୍କଣ୍ଠିତ ହୋଇ ପଚାରିଲେ ।

ବୀରପୁରର ସେନାପତି ସିଧା ଚନ୍ଦ୍ରବର୍ମାଙ୍କ ଆଗକୁ ଆସି କହିଲେ, "ଯୁବରାଜ ! ମହାରାଜା ଯଶୋବର୍ଦ୍ଧନ ହଠାତ୍ ଆମର ଶତ୍ରୁତା କରିବାର କାରଣ କ'ଣ ? ତାଙ୍କ ସୈନ୍ୟମାନେ ଆସି ଆମ ଦୁର୍ଗ ଭିତରେ ପଶି ଲୁଣ୍ଠନ ଓ ହତ୍ୟାକାଣ୍ଡ ଚଳାଇଛନ୍ତି । ଆମ ଦୁର୍ଗର କେତେକ ଲୋକ ସେମାନଙ୍କ ସହ ହାତ ମିଳାଇଛନ୍ତି । ବର୍ତ୍ତମାନ ଆମେ କ'ଣ କରିବା ?"

ମହାରାଜା ଯଶୋବର୍ଦ୍ଧନଙ୍କ ସୈନ୍ୟଦଳ ବୀରପୁର ଆକ୍ରମଣ କରିଛନ୍ତି ଶୁଣି ଚନ୍ଦ୍ରବର୍ମା ତଟସ୍ଥ ହୋଇଗଲେ । ସେ କିଛି କହିବାକୁ ଯାଉଛନ୍ତି, ସୁବାହୁ କହିଲେ, "ଯୁବରାଜ, ଏମାନେ ମହାରାଜା ଯଶୋବର୍ଦ୍ଧନଙ୍କ ସୈନ୍ୟ-ଦଳ ନୁହନ୍ତି । ତାଙ୍କ ନାମ ନେଇ ଏମାନେ ଲୋକଙ୍କୁ ପ୍ରତାରିତ କରୁଛନ୍ତି । ଏମାନେ ଦଗାବାଜ୍ ସର୍ପକେତୁର ଲୋକ । ମୁଁ ଛଦ୍ମ-ବେଶରେ ଏମାନଙ୍କ ସହ ଆସିବା ବେଳେ ଏସବୁ ରହସ୍ୟ ଜାଣିଛି । ଯେଉଁମାନେ ସାଧାରଣ ବେଶରେ ଆକ୍ରମଣକାରୀ ସୈନିକଙ୍କ ସହ ମିଶି ଲୁଟ୍‌ତରାଜ କରୁଛନ୍ତି, ସେମାନେ ଆମ ଦୁର୍ଗର ଲୋକ ନୁହନ୍ତି । ସେମାନେ ଆସିଛନ୍ତି ଅନ୍ୟ ଗ୍ରାମରୁ । ନଗର ଲୁଣ୍ଠନରୁ ଭାଗ ମିଳିବ, ଏହି ଲୋଭ ଦେଖାଇ ସେମାନଙ୍କୁ ସର୍ପକେତୁର ସୈନ୍ୟମାନେ ନେଇ ଆସିଛନ୍ତି ।"

ସେନାପତି କହିଲେ, "ବର୍ତ୍ତମାନ ବୁଝିଲି । କ୍ରୁର ସର୍ପକେତୁ ପକ୍ଷରେ ସବୁ କିଛି ସମ୍ଭବ । ଆମ ରାଜା ମହିଷ୍ମତୀ ନଗରୀକୁ ଯାଇଛନ୍ତି । ସର୍ପକେତୁ ତାଙ୍କର କୌଣସି ଅନିଷ୍ଟ ନ କଲେ ହେଲା ।"

"ସେନାପତି ! ପ୍ରଥମେ ଆମ ଦୁର୍ଗ କିପରି ରକ୍ଷା ହେବ, ସେ ବ୍ୟବସ୍ଥା କରନ୍ତୁ । ରାଜାଙ୍କ ବିଷୟରେ ପରେ ବୁଝିବା ।" ସୁବାହୁ କହିଲେ ।

ଚନ୍ଦ୍ରବର୍ମା ସୁବାହୁଙ୍କ ସହ ଏକମତ ହୋଇ କହିଲେ, "ହଁ, ହଁ, ବର୍ତ୍ତମାନ ଶତ୍ରୁ ସୈନ୍ୟ ଅନ୍ତତଃ ରାଜମହଲ ଭିତରେ ଯେପରି ପଶି ପାରିବେ ନାହିଁ, ସେ ଦିଗରେ ଯାହା ସମ୍ଭବ କରାଯାଉ ।"

ସେନାପତି ଧୀରମଲ୍ଲ କହିଲେ, "ଯୁବରାଜ ! ମହାରାଜା ଯଶୋବର୍ଦ୍ଧନଙ୍କ ଜୟଗାନ କରି ସର୍ପକେତୁର ସୈନ୍ୟଦଳ ଭିତରେ ପଶିବା ଫଳରେ ଆମ ପ୍ରହରୀମାନେ ପ୍ରଥମେ କ'ଣ କରିବେ ବୁଝିପାରି ନଥିଲେ । ଯେତେବେଳେ ରାଜମହଲର ପ୍ରହରୀମାନଙ୍କୁ ସୁବାହୁ ସତର୍କ କରିଦେଲେ କି ଆକ୍ରମଣକାରୀମାନେ ହେଲେ ସର୍ପକେତୁର ଲୋକ, ସେତେବେଳେ ଯାଇ ସେମାନେ ବାଧା ଦେଲେ ।"

"ବୁଝିଲି । ବର୍ତ୍ତମାନ ଆପଣ ସୈନ୍ୟମାନଙ୍କୁ ସଂଗଠିତ କରନ୍ତୁ । କିଛି ସୈନିକ ରାଜମହଲ ରକ୍ଷା କରନ୍ତୁ । ଅନ୍ୟମାନଙ୍କୁ ନେଇ ଆକ୍ରମଣକାରୀଙ୍କୁ ତଡ଼ିବାର ପ୍ରୟତ୍ନ କରନ୍ତୁ ।" ଯୁବରାଜ ନିର୍ଦ୍ଦେଶ ଦେଲେ ।

"ଯୁବରାଜ ! ଏ ଉଭୟ କାମ ମୁଁ କରି ସାରିଛି । ମହାରାଜା ଯଶୋବର୍ଦ୍ଧନଙ୍କ ନାମ ମୋତେ ଆଶ୍ଚର୍ଯ୍ୟ ତଥା ବିଚଳିତ କରିବାରୁ ମୁଁ ଆପଣଙ୍କ ପାଖକୁ ଦୌଡ଼ି ଆସିଲି । ପରବର୍ତ୍ତୀ କାମ କ'ଣ ହେବ, ସେଇ ବିଷୟରେ ବର୍ତ୍ତମାନ ନିର୍ଦ୍ଦେଶ ଦିଅନ୍ତୁ ।" ସେନାପତି ଧୀରମଲ୍ଲ କହିଲେ ।

ଦୁର୍ଗର ଭିନ୍ନ ଭିନ୍ନ ପ୍ରାନ୍ତରୁ ଅଗ୍ନିଶିଖା ଦିଶୁଥାଏ । ବିସ୍ଫୋରଣର ଶବ୍ଦ ଶୁଭୁଥାଏ । ଆହତଙ୍କ ଚିତ୍କାର ଆହୁରି ତୀବ୍ର ହୋଇ ଶୁଣା ଯାଉଥାଏ ।

ଚନ୍ଦ୍ରବର୍ମା ଛାତ କଡ଼କୁ ଯାଇ ବ୍ୟାକୁଳ ଦୃଷ୍ଟିରେ ସଙ୍କଟାପନ୍ନ ଦୁର୍ଗର ଅବସ୍ଥା ନିରୀକ୍ଷଣ କଲେ । ତାଙ୍କ ପିତା ରାଜା ସୂର୍ଯ୍ୟବର୍ମା ଏ ନଗରୀର ଲୋକଙ୍କୁ ସନ୍ତାନ ତୁଲ୍ୟ ଦେଖୁଥିଲେ । ସେ ପ୍ରଜାଙ୍କର ଦୁର୍ଦ୍ଦଶା ଦେଖି ଯୁବରାଜଙ୍କ

ଆଖି ଛଳ ଛଳ ହୋଇଗଲା । ସେ ରାଜମହଲ ପ୍ରାଚୀର ତଳକୁ ଅନାଇ ଦେଖିଲେ, ପାଞ୍ଚଶହ ସଶକ୍ତ ସୈନିକ ଲଢ଼େଇ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । କେତେଜଣ ଘୋଡ଼ସବାର ମଧ୍ୟ ପଇଁତରା ମାରୁଥିଲେ ।

ଚନ୍ଦ୍ରବର୍ମା ମାତ୍ର ପଚିଶ ଜଣ ସୈନିକଙ୍କୁ ରାଜମହଲ୍ ରକ୍ଷା ସକାଶେ ରଖି ଅନ୍ୟ ସମସ୍ତଙ୍କୁ ଦୁଇଦଳରେ ବିଭକ୍ତ କଲେ । ଦଳେ ସୈନିକଙ୍କୁ ସେନାପତି ଧୀରମଲ୍ଲଙ୍କୁ ସମର୍ପଣ କରି କହିଲେ, "ସେନାପତି ! ମୁଁ ନଗରର ପୂର୍ବ ଦିଗକୁ ଯିବି, ଆପଣ ଆପଣଙ୍କ ଦଳ ଧରି ପଶ୍ଚିମ ଦିଗକୁ ଯାଆନ୍ତୁ । ଆମେ ଦୁହେଁ ଶତ୍ରୁ ସୈନ୍ୟଙ୍କୁ ଭେଦ କରି ଯାଇ ତା'ପରେ ଅର୍ଦ୍ଧଚନ୍ଦ୍ରାକାରେ ଉତ୍ତର ଦ୍ୱାର ପାଖରେ ଏକତ୍ର ହେବୁଁ । ତେଣିକି ଦେଖାଯିବ । ଭଗବାନ ସହାୟ ହେଲେ ଆମର ବିଜୟ ହେବ । ମୁଁ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟ କୌଣସି ପନ୍ଥା ଦେଖୁନାହିଁ ।"

"ଯେ ଆଜ୍ଞା, ମହାରାଜ । ଆପଣ ଯେପରି କୌଣସି ବିପଦରେ ନ ପଡ଼ନ୍ତି, ସେ ପ୍ରତି ସଜାଗ ରହିବେ । ଅନ୍ଧକାର ଯୋଗୁଁ ଶତ୍ରୁ ପକ୍ଷର ସୈନ୍ୟଦଳ କେତେ, ଜଣା ପଡୁନାହିଁ ।" ଧୀରମଲ୍ଲ ଯୁବରାଜଙ୍କୁ ଚେତାଇ ଦେଲେ ।

"ମହାରାଜା ସୂର୍ଯ୍ୟବର୍ମାଙ୍କର ଜୟ !" ଏହି ଧ୍ୱନିଦେଇ ଦୁଇ ସୈନ୍ୟଦଳ ରାଜମହଲ ପ୍ରାଙ୍ଗଣରୁ ଯାଇ ଦୁର୍ଗର ମଝାମଝି ସ୍ଥାନରେ ଉପସ୍ଥିତ ହେଲେ । ସେତେବେଳକୁ ସିନ୍ଦୁରା ଫାଟିଲାଣି । ସୁବାହୁ ଚନ୍ଦ୍ରବର୍ମାଙ୍କ ପାଖେ ପାଖେ ଘୋଡ଼ା ଚଢ଼ି ଚାଲିଥାନ୍ତି । ଇତସ୍ତତଃ ଜଳୁଥିବା ଘରମାନ ଦେଖାଇ ସେ ଚନ୍ଦ୍ରବର୍ମାଙ୍କୁ କହିଲେ, "ଯୁବରାଜ ! ସର୍ପକେତୁର ସୈନ୍ୟ ସଂଖ୍ୟା ଖୁବ୍ ବେଶି ନୁହେଁ । ତା' ଲୋକେ ଦଳେ ଗ୍ରାମବାସୀଙ୍କୁ ଲୋଭ ଦେଖାଇ ନେଇ ଆସି ଲୁଟତରାଜ ଓ ଜାଳପୋଡ଼ା ଚଳାଇଛନ୍ତି । ଆମେ ଯଦି ସେମାନଙ୍କ ଭିତରୁ କେତେକଙ୍କୁ ଘାଏଲ୍ କରିଦେବୁଁ, ତେବେ ବାକିତକ ଛିନ୍ନଆରେ ପଳାଇ ଯିବେ । ଆପଣ କ'ଣ ଭାବୁଛନ୍ତି ?"

“ଠିକ୍‌ । ତମ୍ଭ କଥା ଅନୁସାରେ କାମ କରିବା ।” ଏହା କହି ଯୁବରାଜ ତାଙ୍କ ସାଥିରେ ଥିବା ସୈନ୍ୟମାନଙ୍କୁ ଜଳପୋଡ଼ାରେ ଲିପ୍ତ ଥିବା ସେ ଲୋଭୀ ଲୋକଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଲେ । ସେ ନିରସ୍ତ୍ର ଲୋକେ ହଠାତ୍‌ ଆକ୍ରମଣର ସମ୍ମୁଖୀନ ହୋଇ “ସୂର୍ଯ୍ୟବର୍ମାଙ୍କ ସୈନ୍ୟ ଆସିଗଲେ, ଆସିଗଲେ, ମଲୁଁ ମଲୁଁ !” ବୋଲି ଆର୍ତ୍ତନାଦ କରିବାକୁ ଲାଗିଲେ ।

“ସୂର୍ଯ୍ୟବର୍ମାଙ୍କ ସୈନିକ ? କାହିଁ ?” ଏ ପ୍ରଶ୍ନ କୌଣସି ଗଳି ଭିତରୁ ଶୁଣାଗଲା । ସର୍ପକେତୁର ସୈନିକମାନେ ଯେ ସେ ପ୍ରଶ୍ନ କରୁଥିଲେ, ସେତକ ବୁଝିବାକୁ ଚନ୍ଦ୍ରବର୍ମାଙ୍କର ବିଳମ୍ବ ହେଲା ନାହିଁ । ସେ ସେମାନଙ୍କର ସେ ପ୍ରଶ୍ନ ଅନୁସରଣ କରି ଗଳି ଭିତରକୁ ପଶିଗଲେ ଓ ବିଚକ୍ଷଣ ଭାବରେ ତରବାରି ଚଳାଇ ସେମାନଙ୍କୁ ସେ ଖତମ କରିବାକୁ ଲାଗିଲେ ।

ସର୍ପକେତୁର ଅଧିକାଂଶ ସୈନିକ ସେତେବେଳେ ସେହି ଗଳି ଭିତରେ ଥିଲେ । ସେମାନେ ଗଳି ଭିତରର ବଡ଼ ବଡ଼ ଘର ଭିତରୁ ଲୁଣ୍ଠନ କରିବା ସକାଶେ ଘୋଡ଼ାମାନଙ୍କୁ ବାହାରେ ଛାଡ଼ି ଆସିଥିଲେ । ବର୍ତ୍ତମାନ ସେମାନଙ୍କୁ ସହଜରେ କବଳ କରିନେଲେ ଚନ୍ଦ୍ରବର୍ମାଙ୍କ ସୈନ୍ୟଦଳ । ଚନ୍ଦ୍ରବର୍ମା ଓ ସୁବାହୁଙ୍କ ନେତୃତ୍ୱରେ ବୀରପୁରର ସୈନ୍ୟ-

ମାନେ ଆଖି ବୁଜି ଆକ୍ରମଣକାରୀଙ୍କ ଉପରେ ମାଡ଼ ଓ ଅସ୍ତ୍ରାଘାତ ଚଳାଇ ଗଲେ । ଅଧିକାଂଶ ଚଳେ ପଡ଼ିଗଲେ । ଯେଉଁମାନେ ପଳାଇ ଯିବାକୁ ଚେଷ୍ଟା କରୁଥିଲେ, ସେମାନେ ବି ବାହି ପାଇଲେ ନାହିଁ ।

ବୀରପୁର ଦୁର୍ଗର ସାଧାରଣ ଅଧିବାସୀମାନେ ଯେତେବେଳେ ଦେଖିଲେ ସେମାନଙ୍କ ଯୁବରାଜ ନିଜ ଜୀବନକୁ ପାଣି ଛଡ଼ାଇ ଶତ୍ରୁମାନଙ୍କ ମୁକାବିଲା କରୁଛନ୍ତି, ସେମାନେ ମଧ୍ୟ ଯିଏ ଯେଉଁ ଅସ୍ତ୍ର ପାଇଲା ତାହା ଧରି ରାସ୍ତାକୁ ବାହାରି ଆସିଲେ ଏବଂ ଆକ୍ରମଣକାରୀଙ୍କୁ ସାମ୍ନା କଲେ । “ଜୟ, ରାଜା ସୂର୍ଯ୍ୟବର୍ମାଙ୍କର ଜୟ !” ଧ୍ୱନି କରି ପ୍ରବଳ ଉତ୍ସାହରେ

ସେମାନେ ଆକ୍ରମଣକାରୀମାନଙ୍କୁ ଖୋଜି ବାହାର କରୁଥାନ୍ତି ।

ଚନ୍ଦ୍ରବର୍ମାଙ୍କ ଆଗରେ ଶତ୍ରୁପକ୍ଷର ଯେଉଁ ସୈନିକ ପଡ଼ିଲା, ତା'ର ପ୍ରାଣ ଗଲା । ଚନ୍ଦ୍ରବର୍ମା ଏହିପରି ଭାବରେ ଘୋଡ଼ା ଛୁଟାଇ ଉତ୍ତର ଦ୍ୱାର ପାଖରେ ପହଞ୍ଚିଲେ । ଅଦୂରରୁ ବୀରମଲ୍ଲ ସେଠାକୁ ଆସୁଥିବାର ସେ ଦେଖିଲେ । ଯୁବରାଜଙ୍କ ନିର୍ଦ୍ଦେଶ ଅନୁସାରେ ବୀରମଲ୍ଲ ଭିନ୍ନ ଦିଗରୁ ଅସ୍ତ୍ର ଚଳାଇ ଆକ୍ରମଣକାରୀଙ୍କୁ ନିଧନ କରି କରି ମାଡ଼ି ଆସୁଥାନ୍ତି ।

ଯୁବରାଜଙ୍କୁ ଦୂରରୁ ଦେଖି ପକାଇ ବୀରମଲ୍ଲଙ୍କ ଉତ୍ସାହ ଆହୁରି ବଢ଼ିଗଲା । ସେ ତୀବ୍ର ଗତିରେ ତରବାରି ଚାଳନା କରି କେତେଜଣ ଶତ୍ରୁ ସୈନିକଙ୍କୁ ପ୍ରାଣାନ୍ତ କରି ପାଟି କରି କହିଲେ, "ଯୁବରାଜ ! ବର୍ତ୍ତମାନ ବିଳମ୍ବ ନକରି ଆମେ ରାଜମହଲ ପାଖକୁ ଫେରିଯିବା ଉଚିତ । ସର୍ପକେତୁର ଅଧିକା ସୈନ୍ୟଦଳ ଆସି ପହଞ୍ଚି ଗଲେଣି ।"

ଚନ୍ଦ୍ରବର୍ମା ସେନାପତିଙ୍କଠାରୁ ଏ ସମ୍ବାଦ ପାଇ ଯେତିକି ଭୀତ, ହେଲେ ସେତିକି ଉତ୍ତେଜିତ ହେଲେ । ତାଙ୍କର ସୈନ୍ୟ ସଂଗଠନରେ ବା ଯୁଦ୍ଧରେ ନେତୃତ୍ୱ ଦେବାର ବିଶେଷ ଅଭିଜ୍ଞତା ନଥିଲା । ତଥାପି ପିତାଙ୍କ ଅନୁପସ୍ଥିତିରେ ଯେତେବେଳେ ବିପଦ ଆସି ପହଞ୍ଚିଛି, ସେତେବେଳେ ବୀରତ୍ୱ ସହକାରେ ସେ ବିପଦରୁ ଦୁର୍ଗକୁ ରକ୍ଷା କରିବା ତାଙ୍କ କର୍ତ୍ତବ୍ୟ । ନିଜର ଜୀବନକୁ ସଙ୍କଟାପନ୍ନ କରି ମଧ୍ୟ ସେ କର୍ତ୍ତବ୍ୟ ଯଥାରୀତି ପାଳନ କରିବାକୁ ଦୃଢ଼ ସଂକଳ୍ପ ହେଲେ ।

ଯୁବରାଜ ଓ ସେନାପତି ନିଜ ନିଜ ସୈନ୍ୟଦଳ ଧରି ରାଜମହଲ ଆଡ଼େ ଚାଲିଲେ । ସେତେବେଳକୁ ଶତ୍ରୁପକ୍ଷ ରାଜମହଲର ଦ୍ୱାର ଭାଙ୍ଗିବା ସକାଶେ ଚେଷ୍ଟା କରୁଥାନ୍ତି । ସେମାନଙ୍କୁ ଦେଖି ଯୁବରାଜ ବଜ୍ର ହୁଙ୍କାର ଦେଇ ସେମାନଙ୍କ ଆଡ଼େ ଘୋଡ଼ା ଝପଟାଇ ଦେଲେ । (କ୍ରମଶଃ)

ମତିଭ୍ରମ?

ନିଶା ଗରଜୁଥାଏ। ଝିପି ଝିପି ବର୍ଷା ହେଉଥାଏ। ଘନ ଘନ ବଜ୍ରପାତ ଓ ଶ୍ୱାନଶ୍ୱାପଦଙ୍କ ରଡ ମଝିରେ ଶୁଭୁଥାଏ ଅଶରୀରୀମାନଙ୍କ ଅଟ୍ଟହାସ୍ୟ। ବିଜୁଳି ଆଲୁଅରେ ଦିଶିଯାଉଥାଏ ଭୟାବହ ମୁହଁଟିମାନ।

କିନ୍ତୁ ରାଜା ବିକ୍ରମାର୍କ ତିଳେ ମଧ୍ୟ ବିଚଳିତ ବୋଧ ନକରି ପୁନର୍ବାର ସେ ପ୍ରାଚୀନ ବୃକ୍ଷଟି ପାଖକୁ ଲେଉଟି ଆସିଲେ ଏବଂ ବୃକ୍ଷାରୋହଣ କରି ଶବଟିକୁ ଉତାରି ଆଣିଲେ। ତା'ପରେ କିନ୍ତୁ ସେ ଶବଟିକୁ କାନ୍ଧରେ ପକାଇ ଶୂନ୍‌ଶାନ୍ ଶ୍ମଶାନ ପଥ ଅତିକ୍ରମ କରିବାକୁ ଆରମ୍ଭ କରିବା ମାତ୍ରେ ଶବସ୍ଥିତ ବେତାଳ କହିଲା, "ରାଜା! ଏ ନିର୍ଜନ ରାତିରେ ତମେ ଯେଭଳି ପରିଶ୍ରମ କରୁଛ, ଏହାର ଫଳ ଯଦି ତୁମ ମନ ମୁତାବକ ନ ହୁଏ, ତେବେ ତୁମେ କପରି ବ୍ୟବହାର କରିବ? ସୌଗନ୍ଧ ଦେଶର ଯୁବରାଜ ଭଳି

ବେତାଳ କଥା

Digitization by :-
Deb's Library Corner...



ହେବ ନାହିଁତ? ତମକୁ ସେ କାହାଣୀଟି କହେଁ, ମନଦେଇ ଶୁଣ। ଶୁଣିଲେ ଶ୍ରମଭାର ଲାଘବ ମନେ ହେବ।"

ବେତାଳ କହିଲା: ସୌଗନ୍ଧ ରାଜ୍ୟର ଯୁବରାଜଙ୍କ ନାମ ରୂପସେନ। ସେ ନିଜେ ସଙ୍ଗୀତ ବୋଲି ନଥାନ୍ତି, ଠିକ୍, କିନ୍ତୁ ସେ ଥିଲେ ସଙ୍ଗୀତର ବିଶେଷ ଗୁଣଗ୍ରାହୀ ଏବଂ ସମାଲୋଚକ।

ଦିନେ ଯୁବରାଜ ରୂପସେନ ନିଜ ଉଦ୍ୟାନରେ ବୁଲୁଛନ୍ତି, ଅଦୂରରୁ ମଧୁର ସଙ୍ଗୀତ ଭାସି ଆସିବାର ଶୁଣିଲେ। ସେ ମୁଗ୍ଧ ହୋଇ ତାହା ଶୁଣିଲେ ଓ କିଏ ବୋଲୁଛି, ସେ ବିଷୟରେ କୌତୁହଳୀ ହୋଇ ଦେଖିଲେ, ଅନ୍ତଃପୁରର ଜଣେ ପରିଚାରିକା ଚନ୍ଦ୍ରାବତୀ ସେ ଗୀତର ଗାୟିକା।

"ଚନ୍ଦ୍ରାବତୀ! ତମେ ଏତେ ସୁନ୍ଦର ଗୀତ ଶିଖିଛ? ଏହା କିଏ ରଚନା କରିଛି ଓ ସୁର ଦେଇଛି?" ସେ ପଚାରିଲେ।

"ଯୁବରାଜ! ଆମ ରାଜଧାନୀରେ ସଦୁଗୁପ୍ତ ବୋଲି ଜଣେ ଆଚାର୍ଯ୍ୟ ଅଛନ୍ତି। ସେ ଥରେ ଏ ଗୀତ ବୋଲିଥିଲେ। ମୁଁ ମନଦେଇ ଶୁଣି ଶିଖି ନେଇଥିଲି।" ଚନ୍ଦ୍ରାବତୀ ଉତ୍ତର ଦେଲା।

ରୂପସେନ ସେ ଆଚାର୍ଯ୍ୟଙ୍କୁ ଡକାଇଲେ।

"ଆଚାର୍ଯ୍ୟବର! ଆପଣଙ୍କର ଯେଉଁ ଗୀତଟି ଚନ୍ଦ୍ରାବତୀ ଶିଖିଛି, ତାହା ଆପଣଙ୍କ ରଚନା ଓ ସୁର ସଂଯୋଜନା?" ସେ ପଚାରିଲେ।

"ନା ଯୁବରାଜ, ମୋ ମିତ୍ର ରାମଶଙ୍କରଠାରୁ ମୁଁ ଏହା ଶିଖିଥିଲି।" ଆଚାର୍ଯ୍ୟ କହିଲେ।

ଯୁବରାଜ ରାମଶଙ୍କରଙ୍କୁ ନିମନ୍ତ୍ରଣ କରି ପଠାଇଲେ। ରାମଶଙ୍କରଙ୍କୁ ସେ ପ୍ରଶଂସା କରିବାରୁ ରାମଶଙ୍କର କହିଲେ, "ଯୁବରାଜ, ବାସ୍ତବିକ ଜଣେ ମହାନ୍ ଶିଳ୍ପୀ ଅଙ୍କନ କରିଥିବା ଗୋଟିଏ ଚିତ୍ରପଟ ଦେଖି ମୋ ମନରେ ସେ ସଙ୍ଗୀତର ପ୍ରେରଣା ଆସିଥିଲା। ଆପଣଙ୍କ ପ୍ରଶଂସା ସେ ଶିଳ୍ପୀଙ୍କର ପ୍ରାପ୍ୟ।"

ଯୁବରାଜ ଶିଳ୍ପୀଙ୍କୁ ଡକାଇଲେ ଓ ଯେଉଁ ଚିତ୍ର ରାମଶଙ୍କରଙ୍କୁ ସଙ୍ଗୀତ ରଚନା କରିବାକୁ ପ୍ରେରଣା ଦେଇଥିଲା, ସେ ଚିତ୍ରଟି ଦେଖିବାକୁ ଚାହିଁଲେ। ରାମଶଙ୍କର ଚିତ୍ରଟି ନେଇ ଆସିବାରୁ

ଯୁବରାଜ ମୁଗ୍ଧ ହୋଇ ତାକୁ ଅନେକ ସମୟ ଅନାଇ ରହି ପଚାରିଲେ, "ଶିଳ୍ପୀବର! ଏହା କ'ଣ କୌଣସି ପ୍ରକୃତ ଯୁବତୀର ପ୍ରତିକୃତି ନା ଆପଣଙ୍କ କଳ୍ପନାରୁ ଏହାର ଜନ୍ମ?"

"ଯୁବରାଜ! ଏହା ବାସ୍ତବରେ ସୁବର୍ଣ୍ଣପୁରର ସାମନ୍ତଙ୍କ କନ୍ୟା ସ୍ୱର୍ଣ୍ଣମଞ୍ଜରୀଙ୍କ ପ୍ରତିକୃତି।"

ଶିଳ୍ପୀଙ୍କ ଉତ୍ତର ଶୁଣି ଯୁବରାଜ ଅତ୍ୟନ୍ତ ଆଗ୍ରହରେ ସ୍ୱର୍ଣ୍ଣମଞ୍ଜରୀଙ୍କୁ ଭେଟିବାକୁ ଅପେକ୍ଷା କଲେ। ସେ ପ୍ରକୃତରେ ତାଙ୍କୁ ବିଭା ହେବା ନିମନ୍ତେ କଳ୍ପନା କଲେ। ତାଙ୍କଠାରୁ ବାର୍ତ୍ତା ନେଇ ଜଣେ ବିଶିଷ୍ଟ ବ୍ୟକ୍ତି ଦୂତ ରୂପେ ସୁବର୍ଣ୍ଣପୁର ଗଲେ। କିନ୍ତୁ ସେ ଦୁଇଦିନ ପରେ ଫେରି ଆସି ଯାହା କହିଲେ, ସେଥିରେ ଯୁବରାଜ କ୍ରୋଧରେ ଫାଟି ପଡିଲେ। ସ୍ୱର୍ଣ୍ଣମଞ୍ଜରୀ ମାନ ସପ୍ତାହଟିଏ ଆଗରୁ ବିଭା ହୋଇ ଅନ୍ୟ ରାଜ୍ୟ ଚାଲି ଯାଇଛନ୍ତି!

ସେତେବେଳକୁ ରାଜା ରାଜକାର୍ଯ୍ୟରୁ ପୂରାପୂରି ଅବସର ଗ୍ରହଣ କରିଥାନ୍ତି। ଯୁବରାଜଙ୍କର ରାଜା ରୂପେ ଅଭିଷେକ ହୋଇ ନଥିଲେ ବି ସେ ସବୁ ରାଜକାର୍ଯ୍ୟ ତୁଲାଉଥାନ୍ତି। କ୍ରୋଧବଶରେ ସେ ଗୋଟାଏ ଅପ୍ରତ୍ୟାଶିତ କାମ କଲେ। ସେ ପରିଚାରିକା ଚନ୍ଦ୍ରାବତୀ, ଆଚାର୍ଯ୍ୟ ଯଦୁଗୁପ୍ତ, ସଙ୍ଗୀତଜ୍ଞ ରାମଶଙ୍କର ଏବଂ ଶିଳ୍ପୀ—ଏ ସମସ୍ତଙ୍କୁ କାରାରୁଦ୍ଧ କଲେ। ତାଙ୍କ ଯୁକ୍ତି ହେଲା, ଏମାନେ ତାଙ୍କ ମନରେ କୌତୁହଳ ବଢ଼ାଇ ବଢ଼ାଇ ଶେଷକୁ ତାଙ୍କୁ ହତାଶ କଲେ।

ପାତ୍ର ମନ୍ତ୍ରୀ ସମସ୍ତେ ତାଙ୍କ ଯୁକ୍ତିର ଅସାରତା ବୁଝିବା ସତ୍ତ୍ୱେ କେହି ତାଙ୍କ ସିଦ୍ଧାନ୍ତର ପ୍ରତିବାଦ



କରିବାକୁ ସାହସ କଲେ ନାହିଁ। ସେ ନିରୀହ ଲୋକେ କାରାଗାରରେ ରହିଲେ।

କେଇମାସ ପରେ ପଡ଼ୋଶୀ ରାଜ୍ୟ ଚନ୍ଦନପୁରରେ ଗୋଟିଏ ଉତ୍ସବ ହେଲା। ଚନ୍ଦନପୁରର ରାଜା ଯୁବରାଜ ରୂପସେନଙ୍କୁ ସେ ଉତ୍ସବ ଦେଖିବା ନିମନ୍ତେ ନିମନ୍ତ୍ରଣ କଲେ।

ଉତ୍ସବରେ ଦିନେ ଜଣେ ଯୁବତୀ ସଙ୍ଗୀତ ବୋଲିଲେ। ତାଙ୍କୁ ଦେଖି ରୂପସେନ ଚମକି ପଡ଼ିଲେ। କାରଣ ସେ ହେଲେ ସ୍ୱର୍ଣ୍ଣମଞ୍ଜରୀ। ଯୁବରାଜ ସ୍ୱର୍ଣ୍ଣମଞ୍ଜରୀଙ୍କ ଚେହେରା ଭୁଲି ନଥିଲେ।

ସ୍ୱର୍ଣ୍ଣମଞ୍ଜରୀଙ୍କ ଗାନ ଶୁଣି ସେ ଆତୁର ମୁଗ୍ଧ ହେଲେ। ସେଭଳି ମଧୁର କଣ୍ଠ, ସେଭଳି ଭାବ, ସେଭଳି ସୁନ୍ଦର ଭକ୍ତିପୂର୍ଣ୍ଣ ଗୀତ ସେ ପୂର୍ବରୁ କେବେ ଶୁଣି ନଥିଲେ। ସେ ଚନ୍ଦନପୁରର ରାଜାଙ୍କୁ ପଚାରିଲେ, "ଏ ଗାୟିକା କିଏ?" ରାଜା କହିଲେ, "ଏହାଙ୍କ ନାମ ସ୍ୱର୍ଣ୍ଣମଞ୍ଜରୀ। ସେ ବଧୂ ହୋଇଛନ୍ତି ମୋ ରାଜ୍ୟର ଜଣେ କବିଙ୍କୁ। ସ୍ୱର୍ଣ୍ଣମଞ୍ଜରୀ ଯେପରି ସୁଗାୟିକା, ସେହିପରି ସବୁ ଦିଗରୁ ଗୁଣବତୀ।"

"ବନ୍ଧୁ! ମୁଁ ଥରେ ଏହାଙ୍କ ସହ କଥାବାର୍ତ୍ତା କରିପାରନ୍ତି ନାହିଁ?" ଯୁବରାଜ ପଚାରିଲେ।

"ସେଥିରେ ଅସୁବିଧା କ'ଣ?" ଏହା କହି ଚନ୍ଦନପୁରର ରାଜା ଉଭୟଙ୍କ ସାକ୍ଷାତ୍ ପାଇଁ ବ୍ୟବସ୍ଥା କରିଦେଲେ। ପରଦିନ ସ୍ୱର୍ଣ୍ଣମଞ୍ଜରୀ ତାଙ୍କ ସ୍ୱାମୀଙ୍କ ଗହଣରେ ରାଜ-ଭବନକୁ ଆସି ଯୁବରାଜଙ୍କ ସହ ସାକ୍ଷାତ୍ କଲେ।

ଯୁବରାଜ ସଙ୍ଗୀତ ସମ୍ପର୍କରେ, ଗାୟକର ମନୋଭାବ ସମ୍ପର୍କରେ, ଅନେକ ପ୍ରଶ୍ନ କଲେ। ସ୍ୱର୍ଣ୍ଣମଞ୍ଜରୀ ଅତ୍ୟନ୍ତ ନମ୍ର ଅଥଚ ଆନ୍ତରିକ ଭାବରେ ସେସବୁ ପ୍ରଶ୍ନର ଉତ୍ତର ଦେଲେ। ସ୍ୱର୍ଣ୍ଣମଞ୍ଜରୀଙ୍କ ଆଭିଜାତ୍ୟ, ଜ୍ଞାନ, ବିନମ୍ର ଏବଂ ପ୍ରତିଭା ଯୁବରାଜଙ୍କୁ ସ୍ତବ୍ଧ କରିଦେଲା।

ଯୁବରାଜ ପରଦିନ ନିଜ ରାଜଧାନୀକୁ ବାହୁଡ଼ି ଆସିଲେ। ତାଙ୍କର ସର୍ବପ୍ରଥମ କାମ ହେଲା, ନିଜେ କାରାଗାରକୁ ଯାଇ ସେ ବନ୍ଦୀମାନଙ୍କୁ ମୁକ୍ତ କରି ସେମାନଙ୍କୁ କ୍ଷମା ପ୍ରାର୍ଥନା କରିବା ଏବଂ ତା'ପରେ ସେମାନଙ୍କୁ ଯଥେଷ୍ଟ କ୍ଷତିପୂରଣ ଦେବା।

ବେତାଳ ଟିକିଏ ଚୁପ୍ ରହିଯାଇ ହଠାତ୍ ମୁକ୍ତାବଲା କଲଭଳି କଣ୍ଠରେ ପ୍ରଶ୍ନ କଲା, "ରାଜା! ଯୁବରାଜ ସ୍ୱର୍ଣ୍ଣମଞ୍ଜରୀଙ୍କୁ ବିବାହ କରିବା ପାଇଁ କଳ୍ପନା କରିଥିଲେ। ସେଥିରେ ହତାଶ ହୋଇ ଯେଉଁମାନଙ୍କୁ ବନ୍ଦୀ କରିଥିଲେ, ସେମାନଙ୍କୁ ହଠାତ୍ ଖଲାସ କଲେ କାହିଁକି? ସ୍ୱର୍ଣ୍ଣମଞ୍ଜରୀଙ୍କୁ ତ ସେ ଆଉ କେବେହେଲେ ପାଇବାର ପ୍ରଶ୍ନ ଉଠୁ ନଥିଲା! ତେବେ ତାଙ୍କ ମନ ବଦଳିଲା କାହିଁକି? ଏହା ଏକ ପ୍ରକାର ଚିତ୍ତଭ୍ରମ ନୁହେଁ କି? ରାଜା! ପାରିଲେ ମୋ ପ୍ରଶ୍ନର ଉତ୍ତର ଦିଅ। ଉତ୍ତର ଦେବାର ଶକ୍ତିଥିବା ସତ୍ତ୍ୱେ ଯଦି ନୀରବ ରହିବ, ତେବେ ତମ ଶୀର ହେବ ସ୍କନ୍ଧଚ୍ୟୁତ।"

କ୍ଷଣେମାନ ବିଳମ୍ବ ନକରି ରାଜା କହିଲେ, "ଆମେ ଭୁଲିଗଲେ ଚଳିବ ନାହିଁ ଯେ ଯୁବରାଜ ମୁଖ୍ୟତଃ ସଙ୍ଗୀତପ୍ରେମୀ ଥିଲେ। ସଙ୍ଗୀତ ପ୍ରତି ତାଙ୍କର ପ୍ରବଳ ଅନୁରାଗ ଯୋଗୁଁ ସେ ଗୋଟିଏ ନିର୍ଦ୍ଦିଷ୍ଟ ସଙ୍ଗୀତର ଉତ୍ସ ସନ୍ଧାନ କରି ତାହା ନ ପାଇବାରୁ କ୍ରୁଦ୍ଧ ହେଲେ। ହାତରେ କ୍ଷମତା ଥିବାରୁ କ୍ରୋଧବଶତଃ ସେ ଜଣେ ଅଜ୍ଞାନୀ ଭଳି କାମ କଲେ! କିନ୍ତୁ ତାହା ତାଙ୍କ ଚରିତ୍ର ନୁହେଁ। ତାହା ସାମୟିକ ମତିଭ୍ରମ। ସେ ମତିଭ୍ରମ ଦୂର ହେଲା ଯେତେବେଳେ ସେ ସ୍ୱର୍ଣ୍ଣମଞ୍ଜରୀଙ୍କ ସମ୍ପର୍କରେ ଆସିଲେ। ସ୍ୱର୍ଣ୍ଣମଞ୍ଜରୀ କେବଳ ସଙ୍ଗୀତଜ୍ଞା ନଥିଲେ, ସେ ତାଙ୍କ ବ୍ୟକ୍ତିତ୍ୱରେ ସଙ୍ଗୀତର ସଦ୍‌ଗୁଣ ପ୍ରକଟିତ କରୁଥିଲେ। ସବୁ ସଙ୍ଗୀତଜ୍ଞ ତାହା କରି ପାରନ୍ତି ନାହିଁ। ସ୍ୱର୍ଣ୍ଣମଞ୍ଜରୀଙ୍କ ମହତ୍ତ୍ୱ ଯୁବରାଜଙ୍କୁ ସଂକ୍ରମିତ କଲା। ସାମୟିକ ଭାବରେ ଘଟିଥିବା ତାଙ୍କ ମତିଭ୍ରମ ଦୂର ହେଲା। ତେଣୁ ତାଙ୍କର ଯାହା ହେଲା ତାହା ଚିତ୍ତ ଭ୍ରମ ନୁହେଁ, ଚିତ୍ତ-ସଂସ୍କାର।"

ରାଜାଙ୍କ ଉତ୍ତର ଦାନ ଶେଷ ହେବା ମାତ୍ରେ ଶବ ସହ ଶବସ୍ଥିତ ବେତାଳ ତାଙ୍କ କାନ୍ଧରୁ ଖସିଯାଇ ପୁନର୍ବାର ବୃକ୍ଷ ଡାଳରେ ଝୁଲି ପଡ଼ିଲା। (କଳ୍ପିତ)



ରାଜଧର୍ମ

କୋଶଳ ଦେଶର ରାଜଧାନୀ ନିକଟରେ ଗୋଟିଏ ଅରଣ୍ୟ ଥିଲା । ସେହି ଅରଣ୍ୟରେ ନଦୀକୂଳରେ ଜଣେ ଗୁରୁ ରହୁଥିଲେ । ତାଙ୍କ ଆଶ୍ରମ ବା ଗୁରୁକୁଳରେ ଅନେକ ବିଦ୍ୟାର୍ଥୀ ରହି ତାଙ୍କଠାରୁ ଭିନ୍ନ ଭିନ୍ନ ବିଷୟରେ ଜ୍ଞାନ ଆହରଣ କରୁଥିଲେ । ସେମାନଙ୍କ ଭିତରେ ଥିଲେ ଦୁଇଜଣ ରାଜପୁତ୍ର ।

ଗୁରୁ ସବୁ ବିଷୟରେ ଶିକ୍ଷା ଦେଉଥିଲେ, କିନ୍ତୁ କେତେବେଳେ ହେଲେ ଭଗବାନଙ୍କ ବିଷୟରେ କିଛି କହୁ ନଥିଲେ । ସେ ବିଷୟରେ କେହି କିଛି ପଚାରିଲେ ସେ ସାଧାରଣତଃ କହୁଥିଲେ, "ଦେଖ ବାବୁ, ଭଗବାନ ଯଦି ଥିବେ, ତେବେ ତମେ ତାଙ୍କୁ ନିଜେ ଖୋଜି ବାହାର କର । ମୁଁ ତମମାନଙ୍କୁ କେବଳ ସେହିସବୁ ବିଦ୍ୟା ଶିଖାଇବି, ଯାହାଦ୍ୱାରା ସଂସାରରେ ହିତ ହେବ ।"

ତେବେ ଗୁରୁ ଯେ ସମସ୍ତଙ୍କୁ ଏହି ଏକା ଉତ୍ତର ଦେଉଥିଲେ, ତାହା ନୁହେଁ । ଏ ପ୍ରଶ୍ନ କରୁଥିବା କେହି କେହି ଶିଷ୍ୟଙ୍କୁ ସେ ସମସ୍ତଙ୍କ ଆଗରେ କିଛି ନ କହି ଏକାନ୍ତରେ ପ୍ରଶ୍ନର ଉତ୍ତର ଦେଉଥିଲେ । ଏକାନ୍ତରେ ସେ କ'ଣ କହୁଥିଲେ, ସେକଥା ଅନ୍ୟ କେହି ଜାଣୁ ନଥିଲେ ।

ରାଜପୁତ୍ର ଦୁଇଜଣ ବିଦ୍ୟାର୍ଜନ ଶେଷ କରି ନିଜ ନିଜ ରାଜ୍ୟକୁ ଗଲେ । ଜଣେ ଯାଇ ପ୍ରତିଷ୍ଠାନ ରାଜ୍ୟର ରାଜା ହେଲେ; ଅନ୍ୟ ଜଣକ ଯାଇ ଉଦୟଗିରିର ରାଜା ହେଲେ । ଗୁରୁଙ୍କ ପାଖକୁ ଭେଟି ଆସିଲା ।

କେତେବର୍ଷ ବିତିଗଲା । ଉଭୟ ରାଜାଙ୍କ ତରଫରୁ ବାରମ୍ବାର ଗୁରୁଙ୍କ ପାଖକୁ ନିମନ୍ତ୍ରଣ ଆସୁଥାଏ । ଅବଶେଷରେ ଗୁରୁ ସେମାନଙ୍କ ନିମନ୍ତ୍ରଣ ରକ୍ଷା କରିବାକୁ ବାହାରି ପଡିଲେ ।

Digitization by :-
Deb's Library Corner...

ସାଥିରେ ଗଲେ ତାଙ୍କର ଜଣେ ଶିଷ୍ୟ ବ୍ରଜାନନ୍ଦ ।

ପ୍ରଥମେ ଗୁରୁ ଶିଷ୍ୟ ଯାଇ ପ୍ରତିଷ୍ଠାନ ନଗରୀରେ ପହଞ୍ଚିଲେ । ସେଠାରେ ସେମାନେ ଦେଖିଲେ, ପ୍ରତି ଗ୍ରାମ ସହରରେ ମନ୍ଦିର ପ୍ରତିଷ୍ଠା ହୋଇଛି । ମନ୍ଦିର ମାନଙ୍କରେ ଜନସାଧାରଣଙ୍କ ପାଇଁ ଭୋଜନ ଓ ସାଂସ୍କୃତିକ ବିନୋଦର ବ୍ୟବସ୍ଥା ରହିଛି । ଦୁହେଁ ଯାଇ ନଅରରେ ପହଞ୍ଚିବା ମାତ୍ରେ ରାଜା ସେମାନଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇଲେ ।

ରାତିରେ ଗୁରୁ ରାଜାଙ୍କୁ ପଚାରିଲେ, "ବତ୍ସ! ତମେ ଖୁବ୍ ଭଗବତ୍-ବିଶ୍ୱାସୀ ଦେଖୁଛି !"

"ଗୁରୁ ! ତାହା ଠିକ୍ ନୁହେଁ । ବାସ୍ତବିକ୍ ମୁଁ ଭଗବାନ ଅଛନ୍ତି କି ନାହିଁ, ସେ ବିଷୟରେ ମୁଣ୍ଡ ଖେଳାଇ ନାହିଁ । ତେବେ ମୋ ପ୍ରଜାମାନେ ଗଭୀର ଭଗବତ୍ ବିଶ୍ୱାସୀ । ସେଥିପାଇଁ ମୁଁ ମନ୍ଦିରମାନ ତୋଳାଇଛି । ସେଥିରେ ସେମାନଙ୍କର ବହୁତ ଉପକାର ହେଉଛି ବୋଲି ବୁଝୁଛି ।" ପ୍ରତିଷ୍ଠାନର ରାଜା କହିଲେ ।

ସେଠାରୁ ବିଦାୟ ନେଇ ଗୁରୁ ଶିଷ୍ୟ ଯାଇ ଉଦୟଗିରିରେ ପହଞ୍ଚିଲେ । ସାରା ରାଜ୍ୟରେ ସେମାନେ ଗୋଟିଏ ଯୋଡ଼ିଏ ପୁରୁଣା ମନ୍ଦିର ଛଡ଼ା ଗୋଟାଏ ବି ନୂଆ ମନ୍ଦିର ଦେଖିଲେ ନାହିଁ । ବୁଲି ବୁଲି ଦୁହେଁ ଉଆସରେ ପହଞ୍ଚିଲେ । ରାଜା ଗୁରୁଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଲେ ।

ରାତିରେ ଗୁରୁ ପଚାରିଲେ, "ବତ୍ସ ! ତମ ରାଜ୍ୟରେ ମୁଁ କାହିଁ ଗୋଟାଏ ବି ଦେବମନ୍ଦିର



ଦେଖିଲି ନାହିଁ । ତମ ପ୍ରଜାମାନେ କ'ଣ ଭଗବାନରେ ବିଶ୍ୱାସ କରନ୍ତି ନାହିଁ ?"

"ଗୁରୁଦେବ ! ସେମାନେ ଭଗବାନରେ ବିଶ୍ୱାସ ନ କରିବେ କାହିଁକି ? ମୁଁ କରେଁ ନାହିଁ । ତେଣୁ ସେମାନେ ମୋତେ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମୁଁ ମନ୍ଦିର ନିର୍ମାଣ କରିବାକୁ ନାସ୍ତି କରି ଦେଇଛି ।"

ପରଦିନ ଗୁରୁ ରାଜାଙ୍କ ସହ ଗୋପନରେ କିଛି ସମୟ ବିତାଇବା ପରେ ବିଦାୟ ନେଲେ । ବାଟରେ ଶିଷ୍ୟ ପଚାରିଲେ, "ଗୁରୁଦେବ ! ଆପଣ ଦୁଇ ରାଜାଙ୍କ ଭିତରୁ କାହାକୁ ଉଚ୍ଚ ସ୍ଥାନ ଦେବେ ?"

"ତୋ ମତ କ'ଣ ?" ଗୁରୁ ପଚାରିଲେ ।

"ଉଦୟପୁରର ରାଜା ମହତ୍ । କାରଣ, ସେ ଯାହା ବିଶ୍ୱାସ କରନ୍ତି ନାହିଁ, ସେ କାମ କରନ୍ତି ନାହିଁ । କିନ୍ତୁ ପ୍ରତିଷ୍ଠାନର ରାଜା ଭଗବାନଙ୍କ ବିଷୟରେ ମୁଣ୍ଡ ନ ଖେଳାଇ ମଧ୍ୟ ଗୋଟା ଗୋଟା ମନ୍ଦିର ନିର୍ମାଣ କରି ଦେଇଛନ୍ତି !"

"ନା ବତ୍ସ ! ଉଦୟପୁରର ରାଜା ଠିକ୍ କାମ କରୁ ନାହାନ୍ତି । ରାଜା ହିସାବରେ ପ୍ରଜାଙ୍କ ଆବଶ୍ୟକତା ମେଣ୍ଟାଇବା ତାଙ୍କ କର୍ତ୍ତବ୍ୟ । ମନ୍ଦିର ନିର୍ମାଣ ନିମନ୍ତେ ପ୍ରଜାଙ୍କ ଦାବୀ ଅନ୍ୟାୟ ନୁହେଁ । ସେ ନିଜ ବିଶ୍ୱାସ ଅବିଶ୍ୱାସ ଅନ୍ୟ ଉପରେ ଚାପିଦେବା ଠିକ୍ ନୁହେଁ । ବ୍ୟକ୍ତିଗତ ଭାବରେ ସେ ଭଗବାନ ବିଶ୍ୱାସ ନକରି ପାରନ୍ତି, କିନ୍ତୁ ଶାସନ କ୍ଷେତ୍ରରେ ତାଙ୍କ ବ୍ୟକ୍ତିଗତ ମତକୁ ରାଜ୍ୟର ମତ ବୋଲି ଭାବିବା ଠିକ୍ ନୁହେଁ । କଥା କ'ଣ ଜାଣୁ ? ମୁଁ ଭଗବାନଙ୍କ ବିଷୟରେ ସମସ୍ତଙ୍କୁ ଯେ କହେ ନାହିଁ, ତା'ର କାରଣ ସମସ୍ତେ ସେକଥା ଶୁଣିବାକୁ ଯୋଗ୍ୟ ନୁହନ୍ତି । ଯାହା ଭିତରେ ପ୍ରକୃତ ଜିଜ୍ଞାସା ଥାଏ, ତାକୁ ମୁଁ ଏକାନ୍ତରେ କହେଁ । ସେ ଯାହାହେଉ, ମୁଁ ଉଦୟପୁରର ରାଜାଙ୍କୁ ତାଙ୍କ ଭୁଲ ଦର୍ଶାଇ ଦେଇଛି । ସେ ଏଣିକି ମନ୍ଦିର ନିର୍ମାଣ ଉପରେ ନିଷେଧାଜ୍ଞା ଉଠାଇଦେବେ ।" ଗୁରୁ କହିଲେ ।





ଦୁଇ ଘୋଷଣା

ଯେତେବେଳେ ପିତାଙ୍କ ମୃତ୍ୟୁ ହେବାରୁ କୁମାର ବର୍ମା ଶ୍ରୀପୁର ରାଜ୍ୟର ସିଂହାସନ ଆରୋହଣ କଲେ, ସେତେବେଳେ ରାଜକୋଷ ପ୍ରାୟ ଶୂନ୍ୟ । କାରଣ, ତାଙ୍କ ପିତାଙ୍କୁ ପ୍ରବଳ ଲଢ଼େଇର ସମ୍ମୁଖୀନ ହେବାକୁ ପଡିଥିଲା । ସେ ଅବଶ୍ୟ ଆକ୍ରମଣକାରୀ ଶତ୍ରୁବାହିନୀକୁ ତଡ଼ି-ଦେଇଥିଲେ, କିନ୍ତୁ ସେ ଲଢେଇରେ ତାଙ୍କୁ ପ୍ରଚୁର ଅର୍ଥ ବ୍ୟୟ କରିବାକୁ ପଡିଥିଲା ।

ନୂଆ ରାଜା ଶାସନଭାର ଗ୍ରହଣ କରିବା ପରଦିନ ଅର୍ଥମନ୍ତ୍ରୀ ଓ କୋଷାଧ୍ୟକ୍ଷଙ୍କୁ ଡକାଇ ରାଜକୋଷରେ କେତେ ଅର୍ଥ ଅଛି, ସେକଥା ଜିଜ୍ଞାସା କଲେ । ଅର୍ଥମନ୍ତ୍ରୀ ଓ କୋଷାଧ୍ୟକ୍ଷ ପରସ୍ପର ଅନାଇଲେ । ସେମାନେ ବିଚଳିତ ବୋଧ କରୁଛନ୍ତି ବୋଲି ଜଣାପଡ଼ି ଯାଉଥିଲା । ରାଜା ସେମାନଙ୍କ ନୀରବତା ଦେଖି ପୁଣି ପ୍ରଶ୍ନଟି ପଚାରିବାରୁ ଅର୍ଥମନ୍ତ୍ରୀ କହିଲେ, "ପ୍ରଭୁ! ରାଜକୋଷ ଶୂନ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।"

"ସତେ? ତେବେ ସେଥିରେ କିଛି ଯାଏ ଆସେ ନାହିଁ । ଆମର ବର୍ତ୍ତମାନ କିଛି ବିଶେଷ ଖର୍ଚ୍ଚ ହେବାର ନାହିଁ!" ରାଜା କହିଲେ ।

"ନା, ମହାରାଜ, ଖର୍ଚ୍ଚ ହେବାର ଥାଉ ବା ନଥାଉ, ରାଜକୋଷ ଶୂନ୍ୟ ରହିବା ଅନୁଚିତ । ଆମେ ନୂଆ କର ନ ବସାଇଲେ ନଚଳେ ।"

ଯୁବକ ରାଜା କୁମାର ବର୍ମା ନିଜର ମହା-ମନ୍ତ୍ରୀଙ୍କୁ ଡାକି କହିଲେ, "ମହାମନ୍ତ୍ରୀ! ରାଜକୋଷ ତ ଶୂନ୍ୟ । ଏଭଳି ଅବସ୍ଥାରେ ରହିବା ନିରାପଦ ନୁହେଁ । ଆମର ଅର୍ଥମନ୍ତ୍ରୀ କହୁଛନ୍ତି ଜନସାଧାରଣ ଉପରେ ତୁରନ୍ତ ନୂଆ କର ନ ବସାଇଲେ ନଚଳେ । ଆପଣଙ୍କ ମତ କ'ଣ?"

ସୁରେନ୍ଦ୍ର

Digitization by :-
Deb's Library Corner...



"ମହାରାଜ, ଅର୍ଥମଂତ୍ରୀଙ୍କ ପରାମର୍ଶ ଠିକ୍। ଆମ ଆଗରେ ଅନ୍ୟ ଉପାୟ ନାହିଁ।" ମହାମଂତ୍ରୀ ମତ ଦେଲେ।

"ବେଶ୍, ତେବେ ସେ ପ୍ରସ୍ତୁତ କରିଥିବା ନୂଆ କର ପାଇଁ ନିୟମାବଳୀ ମୁଁ ଆଜି ଘୋଷଣା କରିଦେଉଛି।" କୁମାର ବର୍ମା କହିଲେ।

"ମହାରାଜ, ଆପଣ ସେ ଘୋଷଣା କରନ୍ତୁ ନାହିଁ। ଅର୍ଥମଂତ୍ରୀ ତାହା କରନ୍ତୁ।" ମହାମଂତ୍ରୀ ପରାମର୍ଶ ଦେଲେ।

କୁମାର ବର୍ମା ମହାମଂତ୍ରୀଙ୍କ ପରାମର୍ଶ ଗ୍ରହଣ କରିନେଲେ। ତାଙ୍କର ଏ ଗଭୀର ବିଶ୍ୱାସ ଥିଲା ଯେ ମହାମଂତ୍ରୀଙ୍କ ପ୍ରତ୍ୟେକ ମତ ପଛରେ ଦୃଢ଼ ଯୁକ୍ତି ରହିଥାଏ।

କିଛିଦିନ ବିତିଗଲା। ଦିନେ ରାଜା ଓ ମହାମଂତ୍ରୀ ଛଦ୍ମବେଶରେ ରାଜ୍ୟ ବୁଲି ବାହାରିଲେ। ଏପରି କରିବା ସେତେବେଳେ ଥିଲା ବିଧି।

ରାଜଧାନୀଠାରୁ ଅଳ୍ପ ଦୂରରେ କିଛି ଲୋକ ଶୀତରୁ ରକ୍ଷା ପାଇବା ପାଇଁ ନିଆଁକୁ ଘେରି ବସିଥିଲେ। ରାଜା ଓ ମଂତ୍ରୀ ଯାଇଁ ସେମାନଙ୍କ ପାଖରେ ବସି ପଡ଼ିଲେ। ଜଣେ କହିଲା, "ଯୁଗ କାଳ ଯେମିତି ହେଲାଣି, ଜାଣେଣି କାଠ ଉପରେ କର ନ ବସିଲେ ହେଲା।" ଅନ୍ୟ ଜଣେ ମନ୍ତବ୍ୟ ଦେଲା, "ବାପ୍‌ରେ ବାପ୍, ଏ ରାଜ୍ୟରେ ଏତେ କରଭାର ଆଜଯାଏ ସହିବାକୁ ହୋଇ ନଥିଲା!"

"ଅର୍ଥମଂତ୍ରୀ ଲୋକଟା ଏତେ ଖରାପ ବୋଲି ମୁଁ ଜାଣି ନଥିଲି!" ତୃତୀୟ ବ୍ୟକ୍ତି କହିଲା।

କିଛି ସମୟ ପରେ ରାଜା ଓ ମଂତ୍ରୀ ସେଠାରୁ ଉଠି ଚାଲି ଆସିଲେ।

ମଂତ୍ରୀ ହସିଦେଇ କହିଲେ, "ଦେଖିଲେ ତ? ଲୋକେ ଅର୍ଥମଂତ୍ରୀଙ୍କୁ ଦାୟୀ କରୁଛନ୍ତି, ଆପଣଙ୍କୁ ନୁହେଁ।

ଗମ୍ଭୀର ଭାବରେ ରାଜା କହିଲେ, "ତାହା ସତ କଥା ଯେ, କିନ୍ତୁ ଲୋକେ ଶାସନ ଉପରେ ଅସନ୍ତୁଷ୍ଟ।"

"ତାହା ସ୍ୱାଭାବିକ। କିନ୍ତୁ କର ବସାଇବା ନିମନ୍ତେ ଆପଣ ଯେତେ ଭଲ ଯୁକ୍ତି ଦିଅନ୍ତୁ ନା କାହିଁକି, ଲୋକେ କେତେବେଳେ ହେଲେ

କର ଦେବାକୁ ପସନ୍ଦ କରିବେ ନାହିଁ । ସେ ଯାହାହେଉ, ବର୍ତ୍ତମାନ ଆମ ରାଜକୋଷର ଅବସ୍ଥା ସୁଧୁରି ଗଲାଣି । ଏଣିକି କର ପ୍ରତ୍ୟାହାର କରିନେବା କଥା ଘୋଷଣା କରିଦେଲେ କ୍ଷତି ନାହିଁ ।" ମହାମନ୍ତ୍ରୀ କହିଲେ ।

"ହଁ । ମୁଁ ବି ସେଇଆ ଭାବୁଥିଲି । ଆପଣ ଅର୍ଥମନ୍ତ୍ରୀଙ୍କୁ କହି ଦିଅନ୍ତୁ । ସେ ସେହି ମର୍ମରେ ଘୋଷଣା କରିଦେବେ ।" ରାଜା କୁମାର ବର୍ମା କହିଲେ ।

"ନା, ନା, ମହାରାଜ, ଏ ଘୋଷଣା ଆପଣ ନିଜେହିଁ କରନ୍ତୁ ।" ମହାମନ୍ତ୍ରୀ ପରାମର୍ଶ ଦେଲେ ।

ସେହି ଅନୁସାରେ ରାଜା କୁମାର ବର୍ମାଙ୍କ ନାମରେ ପରଦିନ ଘୋଷଣା ହେଲା କି ଏଣିକି ପ୍ରଜାମାନଙ୍କୁ ଆଉ ନୂଆ କର ଦେବାକୁ ପଡିବ ନାହିଁ ।

କେଇଦିନ ପରେ ରାଜା ଓ ମହାମନ୍ତ୍ରୀ ପୁନର୍ବାର ଛଦ୍ମବେଶରେ ବୁଲି ବାହାରି ଜଣେ ଲୋକ କହୁଥିବାର ଶୁଣିଲେ, "ମୁଁ କହୁ ନଥିଲି ? ଆମ ରାଜା ବହୁତ ଭଲ ଲୋକ । ତେବେ ତାଙ୍କ ମନ୍ତ୍ରୀ ଓ କର୍ମଚାରୀମାନେ ଆଉ ସେମିତି ହେବେ ବୋଲି ଆମେ କପରି ଆଶା କରିବା ?"

ରାଜା ଓ ମହାମନ୍ତ୍ରୀ ପରସ୍ପର ଅନାଇଲେ ଓ ମହାମନ୍ତ୍ରୀ ଅର୍ଥପୂର୍ଣ୍ଣ ଭାବରେ ହସିଲେ ।

ଫେରିବାବେଳେ ମହାମନ୍ତ୍ରୀ ବାଟରେ କହିଲେ, "ବୁଝିଲେ, ରାଜା ଖାଲି ଶାସକ ନୁହନ୍ତି, ସେ ଏକ ପ୍ରତୀକ । ଲୋକେ ତାଙ୍କୁ ନିଜର ଅଭିଭାବକ ରୂପେ ଦେଖିବା ଆବଶ୍ୟକ । ତେଣୁ ଅପ୍ରିୟ ଘୋଷଣାଗୁଡିକ ଆମମାନଙ୍କ ନାମରେ ହେଲେ ଭଲ । ଯେଉଁ ସବୁ ଘୋଷଣାରେ ଲୋକେ ଖୁସି ହେବେ, ସେସବୁ ଆପଣଙ୍କ ନାମରେ ଗଲେ ଭଲ ।"

ରାଜା କୁମାର ବର୍ମା ମହାମନ୍ତ୍ରୀଙ୍କ ଯୁକ୍ତି ଓ ରାଜାଙ୍କ ଆସନ ପ୍ରତି ତାଙ୍କ ଶ୍ରଦ୍ଧାର ପରିଚୟ ପାଇ ମନେ ମନେ ବହୁତ ଖୁସି ହେଲେ ।





ସତ୍ୟର ଯାଦୁ

ଯେତେବେଳେ କାଶୀ ରାଜ୍ୟ ଉପରେ ରାଜୁତି କରୁଥିଲେ ବ୍ରହ୍ମଦତ୍ତ, ଏହା ସେହି ସମୟର କଥା । ସେତେବେଳେ ବୋଧିସତ୍ତ୍ୱ ଦ୍ୱୈପାୟନ ନାମରେ କୌଶାମ୍ବୀ ନଗରୀରେ ରହୁଥିଲେ ।

ଯେତେବେଳେ ସେ ଯୁବକ, ସେତେବେଳେ ନିଜର ସମସ୍ତ ଧନସମ୍ପତ୍ତି ସେ ବିତରଣ କରିଦେଲେ ଏବଂ ହିମାଳୟରେ ଯାଇ ତପସ୍ୟା କଲେ । ସାମାନ୍ୟ ଫଳମୂଳ ଆହାର କରି, କେତେବେଳେ ବା ଖରାବର୍ଷାରେ କେତେବେଳେ ବା ଗୋଟାଏ ଛୋଟିଆ ଗୁମ୍ଫା ଭିତରେ ସେ ବେଳ କାଟୁଥିଲେ ।

ପଚିଶ ବର୍ଷ କାଳ ଏହିପରି କଟାଇବା ପରେ ଦ୍ୱୈପାୟନ ଥରେ ଦେଶ ବ୍ୟାପି ବୁଲି ତୀର୍ଥାଟନ କରିବାକୁ ମନ ବଳାଇଲେ । ସେ ହିମାଳୟ ଅଞ୍ଚଳରେ ଥିବା ସମସ୍ତ ତୀର୍ଥ ବୁଲିସାରି କାଶୀ ନଗରୀରେ ଆସି ପହଞ୍ଚିଲେ । ସେଠାରେ ଦୈବାତ୍ ତାଙ୍କର ବାଲ୍ୟବନ୍ଧୁ ମାଣ୍ଡବ୍ୟ ସହିତ ଦେଖା ହୋଇଗଲା । ମାଣ୍ଡବ୍ୟ ତାଙ୍କୁ ନିଜ ଘରକୁ ନିମନ୍ତ୍ରଣ କଲା । ଦ୍ୱୈପାୟନ ସେ ନିମନ୍ତ୍ରଣ ଗ୍ରହଣ କରି ବନ୍ଧୁ ଘରେ ଅତିଥି ହୋଇ ରହିଲେ ।

ଦିନେ ମାଣ୍ଡବ୍ୟର ପୁଅ ଯଜ୍ଞଦତ୍ତ ଗୋଟାଏ ପେଣ୍ଡୁ ଗଡ଼ାଇ ଖେଳୁଥାଏ । ପେଣ୍ଡୁଟି ଗଡ଼ି ଯାଇ ଗୋଟାଏ ଗାତ ଆଡ଼େ ଗଳିଗଲା । ତାହା ଗାତ ଭିତରେ ପଡ଼ିଯାଇଛି ଭାବି ଯଜ୍ଞଦତ୍ତ ତାକୁ ବାହାର କରି ଆଣିବା ନିମନ୍ତେ ଗାତ ଭିତରେ ହାତ ଭର୍ତ୍ତି କରିଦେଲା । ସେ ଜାଣି ନଥିଲା ଯେ ସେଇଟି ସାପଗାତ ।

ସାପ ତାକୁ ଦଂଶନ କଲା । ସେ ହାତ ବାହାର କରି ଆଣି ଯନ୍ତ୍ରଣାରେ ଚିତ୍କାର କରି ଜ୍ଞାନ ହରାଇ ପଡ଼ିଗଲା । ମାଣ୍ଡବ୍ୟ ଓ ତା ସ୍ତ୍ରୀ

Digitization by :-
Deb's Library Corner...

ଦୌଡ଼ି ଆସିଲେ ଓ ପିଲାର ଦେହର ରଙ୍ଗ ଦେଖି ତାକୁ ବିଷଧର ସାପ କାମୁଡ଼ିଥିବାର ବୁଝି ପାରିଲେ ।

ସେତେବେଳେ ଦ୍ୱୈପାୟନ ଗୋଟିଏ ଗଛ ମୂଳରେ ବସିଥିଲେ । ବାପା ମା ପୁଅକୁ ଧରି ତାଙ୍କ ଆଗରେ ନେଇ ଶୁଆଇ ଦେଲେ । ମାଣ୍ଡବ୍ୟ କହିଲା, "ବନ୍ଧୁ! ତମେ ତପସ୍ୱୀ । ତମ ତପଃଶକ୍ତି ପ୍ରୟୋଗ କରି ମୋର ଏକମାତ୍ର ପୁତ୍ରର ଜୀବନ ରକ୍ଷା କର ।"



ଦ୍ୱୈପାୟନଙ୍କ ମୁହଁ ଶୁଖିଗଲା । ସେ କହିଲେ, "ଭାଇ ମାଣ୍ଡବ୍ୟ, ମୁଁ ହିମାଳୟରେ ପଚିଶ ବର୍ଷ କାଳ ବିତାଇଛି ସତ । କିନ୍ତୁ ମୋର କୌଣସି ତପଃସିଦ୍ଧି ହୋଇନାହିଁ । ଏଣେ ସାପ କାମୁଡ଼ା ଔଷଧ ବି ମୋତେ ଜଣା ନାହିଁ । ମୁଁ କରିବି କ'ଣ ?"

"ବନ୍ଧୁ, ତମର ସିଦ୍ଧି ହୋଇଥାଉ ନଥାଉ, ତମେ ପଚିଶ ବର୍ଷ କାଳ ତପସ୍ୱୀ ଭାବରେ ରହିଛ । ସେ ପୁଣ୍ୟ କିଛି କମ୍ ନୁହେଁ । ତମେ ସେହି ପୁଣ୍ୟ ବଳରେ ଯାହା ପାରୁଛ କର ।" ମାଣ୍ଡବ୍ୟ ବିକଳ କଣ୍ଠରେ କହିଲା ।

"ଭାଇ, ଏକମାତ୍ର ସତ୍ୟହିଁ କିଛି ହେଲେ କିଛି କରିପାରିବ ।" ଏହା କହି ଦ୍ୱୈପାୟନ ଆଖି ବନ୍ଦ କରି କହିଲେ :

"ହେ ସତ୍ୟ, ମୁଁ ଜୀବନରେ ପ୍ରଥମ ଅବସ୍ଥାରେ ବାସ୍ତବିକ ଆନ୍ତରିକ ଭାବରେ ସତ୍ୟ କ'ଣ ଜାଣିବାକୁ ଇଚ୍ଛା କରିଥିଲି । ସେଥିପାଇଁ ସଂଯତ ଆଚରଣ କରୁଥିଲି, ଧ୍ୟାନ ଓ ସତ୍‌ସଙ୍ଗ କରୁଥିଲି ଏବଂ ପ୍ରାର୍ଥନା କରୁଥିଲି । ପରବର୍ତ୍ତୀ ସମୟରେ ହିମାଳୟ ଯାଇ ତପସ୍ୟା କଲି ସତ; କିନ୍ତୁ ପୂର୍ବର ସେ ସତ୍ୟ ନିଷ୍ଠା ରହିଲା ନାହିଁ । ସତ୍ୟ ପ୍ରତି ଆନ୍ତରିକତା ମଧ୍ୟ ହ୍ରାସ ହେବାର ବୁଝି ପାରିଲି । ତଥାପି ସନ୍ନ୍ୟାସୀ ରୂପେ ରହିଛି । ମୋର ଏହି ସତ୍ୟୋକ୍ତି ବଳରେ ଯଜ୍ଞଦତ୍ତର ବିଷ କଟି ଯାଉ । ସେ ସ୍ୱାଭାବିକ ଅବସ୍ଥା ଫେରି ପାଉ ।"

ଦ୍ୱୈପାୟନ ଏହା କହି ଯଜ୍ଞଦତ୍ତର ଛାତି ଆଉଁସି ଦେଲେ । ସଙ୍ଗେ ସଙ୍ଗେ ଯଜ୍ଞଦତ୍ତ ଆଖି ଖୋଲି ସମସ୍ତଙ୍କ ଆଡ଼େ ଅନାଇଲା । ମାକୁ ଦେଖି ଥରେ "ମା" ବୋଲି ଡାକି



ଉଠିବସିବାକୁ ଚେଷ୍ଟା କରି କିନ୍ତୁ ପୁଣି ପଡ଼ିଗଲା ଓ ଚେତା ହରାଇଲା ।

ମାଣ୍ଡବ୍ୟ ଓ ତା' ସ୍ତ୍ରୀ ମୁହଁରେ ଆନନ୍ଦ ଫୁଟି ଉଠିଥିଲା । କିନ୍ତୁ ପୁଅ ପୁଣି ଚେତା ହରାଇବାର ଦେଖି ସେମାନେ କାନ୍ଦି ଉଠିଲେ ।

"ଇଏ କ'ଣ ହେଲା ? ପୁଅ ଭଲ ହୋଇ ପୁଣି କାହିଁକି ଏପରି ହେଲା ?" ମାଣ୍ଡବ୍ୟ ଉତ୍କଣ୍ଠିତ ହୋଇ ପଚାରିଲେ ।

"ମୋ ସତ୍ୟୋକ୍ତି ବଳରେ ଯେତିକି ବିଷ ଦୂର ହେବା କଥା, ତାହା ହେଲା । କିନ୍ତୁ ଏହାଠୁଁ ବେଶି ମୋ ଦ୍ୱାରା ସମ୍ଭବ ନୁହେଁ । ତୁମେ ତୁମ ଆଚରଣ ବିଷୟରେ ଯାହା ସତ କଥା, ତାହା ପ୍ରକାଶ କର । ହୁଏତ ସେଥିରେ ଆଉ କିଛି ଫଳ ହେବ ।" ଦ୍ୱୈପାୟନ କହିଲେ ।

ମାଣ୍ଡବ୍ୟ ସେଉଠୁ କହିଲା, "ଜୀବନରେ ମୁଁ କିଛି କିଛି ଦାନ ଧର୍ମ କରେଁ ସତ, କିଛି କିଛି ଅତିଥି ଅଭ୍ୟାଗତଙ୍କ ଚର୍ଚ୍ଚା ମଧ୍ୟ କରେଁ ସତ, କିନ୍ତୁ ସେଥିରେ ମୋର କୌଣସି ଆନ୍ତରିକତା ନଥାଏ । ଅନେକ ସମୟରେ ଇଚ୍ଛା ନଥାଇ ଦାନ କରେଁ, ସଦିଚ୍ଛା ନଥିବା ସତ୍ତ୍ୱେ ଅତିଥିସତ୍କାର କରିଥାଏଁ । ଏହି ସତ୍ୟୋକ୍ତି ଫଳରେ ଆଜି ମୋ ପୁଅ ଦେହରୁ ବିଷ କଟିଯାଉ । ସେ ସ୍ୱାଭାବିକ ହୋଇଯାଉ ।"

ମାଣ୍ଡବ୍ୟ ଏହା କହି ଯଜ୍ଞଦତ୍ତ ଉପରେ ହାତ ବୁଲାଇ ଦେବା ମାତ୍ରେ ଯଜ୍ଞଦତ୍ତ ଉଠି ବସିଲା ଓ ହସିଲା । କିନ୍ତୁ ସେ ଚାଲିବାକୁ ଚେଷ୍ଟା କରି ସେଥିରେ ସଫଳ ହେଲା ନାହିଁ ।

"ତୁମ ସତ୍ୟୋକ୍ତି ଯୋଗୁଁ ବିଷର ପ୍ରଭାବ ଅନେକ ମାତ୍ରାରେ କଟି ଯାଇଛି । ବର୍ତ୍ତମାନ ତୁମ ସ୍ତ୍ରୀ ତାଙ୍କ ଆଚରଣ ଓ ମନୋଭାବ ସମ୍ପର୍କରେ ସତ୍ୟୋକ୍ତି କରନ୍ତୁ । ତାହାହେଲେ ପୁଅ ପୁରାପୁରି ଭଲ ହୋଇଯିବାର ଆଶା ରହିଛି ।" ଦ୍ୱୈପାୟନ କହିଲେ ।

ମାଣ୍ଡବ୍ୟର ସ୍ତ୍ରୀ କହିଲା, "ମୋର ଯାହା କିଛି କହିବାର ଅଛି, ତାହା ସମସ୍ତଙ୍କ ଆଗରେ କହି ପାରିବି ନାହିଁ ।"

"ସମସ୍ତଙ୍କ ଆଗରେ ନ କହିଲେ ତାହାର ମୂଲ୍ୟ କ'ଣ ? ସତ୍ୟ ଗୋପନ ନକଲେ

ଯାଇ ତାହା କାମ ଦେବ ।" ଦ୍ୱୈପାୟନ କହିଲେ ।

କିଛି ସମୟ ସଙ୍କୋଚ କରି ମାଣ୍ଡବ୍ୟର ସ୍ତ୍ରୀ ପୁଅ ଦେହରେ ହାତ ବୁଲାଇଦେଇ କହିଲା, "ପୁଅ, ତୁ ଯେଉଁ ସାପ ଗାତରେ ହାତ ଦେଲୁ, ଏ ସଂସାର ମୋତେ ସେହିପରି ସାପଗାତ ଭଳି ମନେ ହୁଏ । ତୋ ବାପା ମୋତେ କେବେ ବି ସୁଖ ପାଆନ୍ତି ନାହିଁ । ଫଳରେ ମୁଁ ବି ତାଙ୍କ ଉପରେ ମନେ ମନେ ଭୀଷଣ ବିରକ୍ତି ଓ କ୍ରୋଧ ପୋଷଣ କରେଁ । ଏହାହିଁ ମୋର ସତ୍ୟୋକ୍ତି । ମୋର ଏ ସତ୍ୟୋକ୍ତି ଫଳରେ ତୋ ଦେହରେ ଯେତକ ବିଷ ରହିଛି, ତାହା ସମୂଳେ ଚାଲିଯାଉ ।" ସେ ଏହା କହିବା ପରେ ପରେ ଯଜ୍ଞଦତ୍ତ ସମ୍ପୂର୍ଣ୍ଣ ସ୍ୱାଭାବିକ ଭାବରେ ଚାଲିଲା ଓ ଦୌଡିବାକୁ ଲାଗିଲା । ବାପା ମା'ଙ୍କ ଆନନ୍ଦ କହିଲେ ନ ସରେ । ଦ୍ୱୈପାୟନ ତାଙ୍କୁ ଆଶୀର୍ବାଦ କଲେ ।

ପୁଅ ସୁସ୍ଥ ହେବାରୁ ମାଣ୍ଡବ୍ୟର ମନରେ ଅନ୍ୟ ପ୍ରଶ୍ନ ଉଠିଲା । ସେ ଦ୍ୱୈପାୟନଙ୍କୁ ପଚାରିଲା, "ବନ୍ଧୁ! ତମେ ଏତେ ବର୍ଷ ଧରି ତପସ୍ୟା କଲ । କିନ୍ତୁ ତମର ସେଥିରେ ନିଷ୍ଠା ନାହିଁ ବୋଲି କହୁଛ । ତେବେ ତମେ ସନ୍ନ୍ୟାସୀ ଭଳି ନ ବୁଲି ସଂସାରକୁ ଫେରି ଆସୁନାହଁ କାହିଁକି?"

"କଥା କ'ଣ କି, ଥରେ ସନ୍ନ୍ୟାସ ଗ୍ରହଣ କରିବା ପରେ ସଂସାରକୁ ଫେରି ଆସିଲେ ବା ସଂସାରୀ ହେଲେ ଲୋକେ ତାହା ପସନ୍ଦ



କରିବେ ନାହିଁ । ମୋତେ ଅସ୍ପୃଶ୍ୟ ଭଳି ଚଳିବାକୁ ପଡ଼ନ୍ତା । ଲୋକେ କହନ୍ତେ ମୁଁ ଧର୍ମଚ୍ୟୁତ ହୋଇଛି । ତା'ଛଡ଼ା ଜୀବନ ଗୋଟାଏ ଧାରାରେ ପଡିଗଲେ ପୁଣି ତାକୁ ବଦଳାଇବା ସହଜ ହୁଏ ନାହିଁ । ତେଣୁ ଏମିତି ଭାବରେ ଦିନ ବିତାଇ ଚାଲିଛି ।" ଦ୍ୱୈପାୟନ ବୁଝାଇ ଦେଲେ । ତା'ପରେ ସେ ପଚାରିଲେ, "ତମେ ଦାନ ଧର୍ମ କରିବାରେ ବା ଅତିଥିସେବାରେ ଯଦି ଆନନ୍ଦ ନ ପାଅ, ତେବେ ତାହା କର କାହିଁକି ?"

"କଥା କ'ଣ କି, ମୋ ବାପା ଓ ଜେଜେବାପା ଦାନୀ ହିସାବରେ ଖ୍ୟାତି ଅର୍ଜନ କରିଥିଲେ । ମୋର ସେ ଦିଗରେ କୌଣସି ଆଗ୍ରହ ନଥିବା ସତ୍ତ୍ୱେ ସେମାନେ ପ୍ରତିଷ୍ଠା କରିଥିବା ପରମ୍ପରା କିପରି ଭାଙ୍ଗିଦେବି ? ତେଣୁ ସେସବୁ କୌଣସି ମତେ ସହ୍ୟ କରିଯାଏଁ ।"

ଏହାପରେ ମାଣ୍ଡବ୍ୟ ତାଙ୍କ ସ୍ତ୍ରୀଙ୍କ ଆଡ଼େ ଅନାଇ ପଚାରିଲା, "ସଂସାର ଯଦି ସାପଗାତ ଭଳି ଭୟଙ୍କର ମନେ ହେଉଛି, ତମେ ଏତେ ଦିନ ଏ ପରିସ୍ଥିତି ସହିକରି ରହିଛ କିପରି ?"

ମାଣ୍ଡବ୍ୟର ସ୍ତ୍ରୀ ଉତ୍ତର ଦେଲା, "ଉପାୟ କ'ଣ ? ସ୍ତ୍ରୀମାନେ ସବୁ ସହ୍ୟ କରି ଚଳିବା ଆବଶ୍ୟକ ବୋଲି ମୋତେ ଶିକ୍ଷା ଦିଆଯାଇଛି । ମୁଁ ସେହି ଅନୁସାରେ ଆଖି ବୁଜି ସବୁ ସହ୍ୟ କରି ଚାଲିଛି ।"

"ବାସ୍ତବିକ ମୁଁ ତୁମର ସୁଖ ଦୁଃଖ ଯେତେ ବୁଝିବା କଥା, ତାହା ବୁଝି ନାହିଁ । ମୁଁ ପ୍ରବଳ ଅବହେଳା କରିଛି । ଏଣିକି ସେଭଳି କରିବି ନାହିଁ ।" ମାଣ୍ଡବ୍ୟ କହିଲା ।

ଦ୍ୱୈପାୟନ କହିଲେ, "ଦାନ ଧର୍ମ କରିବାର ହେଲେ ଆନ୍ତରିକତା ସହକାରେ ତାହା କରିବ । ତେବେ ସେଥିରୁ ଆନନ୍ଦ ବି ମିଳିବ, ପୁଣ୍ୟ ବି ମିଳିବ । ଜୀବନ ସାର୍ଥକ ହେଲା ଭଳି ମନେ ହେବ ।"

ଏହାପରେ ଦ୍ୱୈପାୟନ ବିଦାୟ ନେଇ ଚାଲିଗଲେ ।





ଭାରତର ନଦନଦୀ

ଛନ୍ଦଗତି ଯମୁନା

ଭାରତର ଅଧିକାଂଶ ପୁଣ୍ୟତୋୟା ନଦନଦୀଙ୍କ ଉତ୍ପତ୍ତି ସ୍ଥାନ ହିମାଳୟ, ଯାହାକୁ ମହାକବି କାଳିଦାସ ଦେବତାତ୍ମା ହିମାଳୟ ବୋଲି ଆଖ୍ୟା ଦେଇଛନ୍ତି । ଭାରତର ପୋଥି ପୁରାଣ ନଦନଦୀଙ୍କୁ ଜଡ଼ ପ୍ରକୃତି ବୋଲି ନ ଦେଖି ଦେବଦେବୀ ରୂପେ ଦେଖୁଥିଲେ ।

ଯମୁନା ନଦୀ ସୂର୍ଯ୍ୟ ଏବଂ ତାଙ୍କ ସହଧର୍ମିଣୀ ସଂଜ୍ଞାଙ୍କ କନ୍ୟା ବୋଲି ପୁରାଣରେ କୁହାଯାଇଛି । ମୃତ୍ୟୁର ଓ ଧର୍ମର ଦେବତା ଯମ ହେଲେ ଯମୁନାଙ୍କ ଭାଇ । ଯମୁନା ପୃଥିବୀର ଜୀବନଧାରା ସହିତ ସାମିଲ୍ ହେବାର ଇଚ୍ଛା କରି ନଦୀ ରୂପ ନେଲେ ।





ହିମାଳୟର ଯମୁନୋତ୍ରୀଠାରେ କାଳିନ୍ଦ ପର୍ବତ ତଳେ ଯମୁନା ପ୍ରଥମେ ଦୃଷ୍ଟି-ଗୋଚର ହୁଅନ୍ତି । ସେ ସ୍ଥାନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ସମୃଦ୍ଧ । ସେତିକି ନୁହେଁ, ତାହା ଏକ ପୁଣ୍ୟ ସ୍ଥାନ ମଧ୍ୟ । ସମୁଦ୍ର ପତ୍ତନରୁ ୧୦, ୮୦୦ ଫୁଟ ଉଚ୍ଚରେ ତାହା ଅବସ୍ଥିତ । ସେଠାରେ ଦେବୀ ଯମୁନାଙ୍କ ପାଇଁ ଅଛି ଏକ ମନ୍ଦିର ।



ଆରମ୍ଭରେ ଯମୁନା ନଦୀ ଭୀଷଣ ତରଙ୍ଗ ଏବଂ ପ୍ରଖର ସ୍ରୋତ ଯୋଗୁଁ ବିଖ୍ୟାତ ଥିଲି । କୌଣସି ଜୀବଜନ୍ତୁ ସେ ନଦୀର ପାଖ ପଶିବାକୁ ସାହସ କରୁ ନଥିଲେ । ଏହାର ଜଳପ୍ରପାତ ସହସ୍ର ସିଂହର ନାଦ ଭଳି ଶୁଭୁଥାଏ । ପ୍ରପାତର ପ୍ରବଳ ପତନରୁ ଜଳକଣାମାନ ଉପରକୁ ଉଠି ଧୂଆଁ ଭଳି ଦିଶୁଥାଏ ।

ସେହି ପ୍ରବଳ ସ୍ରୋତ ପ୍ରତି ଦିନେ ଆକୃଷ୍ଟ ହେଲେ କୃଷ୍ଣଙ୍କ ଅଗ୍ରଜ ବଳରାମ । ବଳରାମ ଗୋଟାଏ ଶିଳା ଉପରେ ଦଣ୍ଡାୟମାନ ରହି କିଛି ସମୟ ପର୍ଯ୍ୟନ୍ତ ଯମୁନା ସ୍ରୋତକୁ ନିରୀକ୍ଷଣ କରି ତାକୁ ପାଖକୁ ଆସିବାକୁ ନିର୍ଦ୍ଦେଶ ଦେଲେ ।





କିନ୍ତୁ ଯମୁନା ନଦୀ ତାଙ୍କ ନିର୍ଦ୍ଦେଶ ପ୍ରତି କୌଣସି ଧାନ ଦେଲି ନାହିଁ । ବଳରାମ ନିଜ ନିର୍ଦ୍ଦେଶର ପୁନରାବୃତ୍ତି କଲେ, କିନ୍ତୁ ସେଥିରେ ବି କିଛି ଫଳ ହେଲି ନାହିଁ । ବଳରାମ ସ୍ରୋତ ଭିତରକୁ ଡେଇଁ ପଡ଼ିଲେ । ଯମୁନା ତାଙ୍କୁ ଭସାଇ ନେଇଯିବାକୁ ଚେଷ୍ଟା କଲି ।

ବଳରାମ କୂଳକୁ ଡେଇଁ ପଡ଼ିଲେ । ତା'ପରେ ତାଙ୍କର ଶକ୍ତିଶାଳୀ ହଳ ସାହାଯ୍ୟରେ ସେ ସ୍ରୋତକୁ ଏଣେ ତେଣେ ଭିନ୍ନ ଭିନ୍ନ ଦିଗରେ ଟାଣି ନେଇଯିବାକୁ ଲାଗିଲେ । ପାହାଡ଼ ଓ ଉପତ୍ୟକା ଭିତର ଦେଇ ବଙ୍କିମ ଗତିରେ ସ୍ରୋତ ତାଙ୍କ ହଳକୁ ଅନୁସରଣ କଲା ।





ଅବଶେଷରେ ଯମୁନା ଦେବୀ ଆବିର୍ଭୂତା ହୋଇ ବଳରାମଙ୍କୁ ଅନୁରୋଧ କଲେ କି ଏଣିକି ତାଙ୍କୁ ସେ ହଳ କବଳରୁ ମୁକ୍ତ ଦିଅନ୍ତୁ । ବଳରାମ ପ୍ରୀତ ହେଲେ । ସେ ହଳ ପ୍ରତ୍ୟାହାର କଲେ । ବଙ୍କିମ ଗତି ଯୋଗୁଁ ଯମୁନାର ସ୍ରୋତ ଅପେକ୍ଷାକୃତ ମନ୍ଦୀଭୂତ ହେଲା ।

ପୁରାଣରେ ଓ ମହାକାବ୍ୟରେ ବର୍ଣ୍ଣିତ ହସ୍ତିନାପୁର ଏବଂ ଇନ୍ଦ୍ରପ୍ରସ୍ଥ ପାଖଦେଇ ବହମାନ ଯମୁନା । ଆଧୁନିକ ଦିଲ୍ଲୀ ଏହି ଦୁଇ ପ୍ରାଚୀନ ଅବଲୁପ୍ତ ନଗରୀ ଥିବା ସ୍ଥାନରେହିଁ ଅବସ୍ଥିତ । ଐତିହାସିକ ଲାଲକିଲ୍ଲା ଯମୁନା ତୀରରେ ଦଣ୍ଡାୟମାନ ।



ଯମୁନା ପୁଣି ସୁପ୍ରାଚୀନ ମଥୁରା ନଗରୀ ପାଖଦେଇ ବହି ଯାଇଛି । ଏହିଠାରେ ରାକ୍ଷସ ରାଜା କଂସର କାରାଗାର ଭିତରେ ଜନ୍ମ ନେଇଥିଲେ କୃଷ୍ଣ । ତାଙ୍କ ପିତା ତାଙ୍କୁ ରାତାରାତି ଯମୁନା ପାର କରାଇ ବ୍ରଜରେ ନେଇ ଛାଡିଥିଲେ । ମହାସର୍ପ ବାସୁକୀ ସେତେବେଳେ ତାଙ୍କ ଉପରେ ଫଣାତୋଳି ତାଙ୍କୁ ବାତ-ପାତରୁ ରକ୍ଷା କରିଥିଲେ ।

ବୃନ୍ଦାବନ ନିକଟବର୍ତ୍ତୀ ଯମୁନା କୂଳରେହିଁ କୃଷ୍ଣ ଅପୂର୍ବ ବଂଶୀବାଦନ କରି ଭକ୍ତମାନଙ୍କ ହୃଦୟରେ ଅବର୍ଣ୍ଣନୀୟ ଭାବର ଉଦ୍ରେକ କରୁଥିଲେ । ବୃନ୍ଦାବନ ଓ ଯମୁନା ଥିଲା କୃଷ୍ଣଙ୍କର ଅତି ପ୍ରିୟ । କୃଷ୍ଣଙ୍କ ବାଲ୍ୟକାଳର ଲୀଳା ସହିତ ଯମୁନାର ସମ୍ପର୍କ ନିବିଡ଼ ।





ଏଲ୍ଲାହାବାଦ ନିକଟରେ ଗଙ୍ଗା ସହ ଯମୁନାର ମିଳନ ହୋଇଛି । ଏ ପବିତ୍ର ସଙ୍ଗମ ସ୍ଥଳ ପ୍ରୟାଗ ନାମରେ ଖ୍ୟାତ । ଏକ ତୃତୀୟ ନଦୀ ମଧ୍ୟ ସେଠାରେ ସେମାନଙ୍କ ସହ ମିଶିଛି । ଏହା କିନ୍ତୁ ଦୃଶ୍ୟମାନ ନୁହେଁ । ଏ ନଦୀ ବେଦ ବର୍ଣ୍ଣିତ ସରସ୍ୱତୀ । ପ୍ରୟାଗରେ ସ୍ନାନ ଅତ୍ୟନ୍ତ ଶୁଭଙ୍କର ।

ରାଜା ଓ ଗୁଲାମ

ରାଜା ମାର୍ତ୍ତିଣ୍ଡଙ୍କର ଯିଏ ମନ୍ତ୍ରୀ ଥିଲେ, ତାଙ୍କ ନାମ ସୁବୁଦ୍ଧି। ତାଙ୍କ ନାମ ଯେପରି, ତାଙ୍କ ଗୁଣ ସେହିପରି। ରାଜାଙ୍କ ଉଆସରେ କେତେଜଣ ଗୁଲାମ୍ ଥା'ନ୍ତି। ସେମାନଙ୍କ ପୂର୍ବପୁରୁଷମାନେ ମଧ୍ୟ ଗୁଲାମ ଥିଲେ। ଏ ଗୁଲାମମାନଙ୍କର କୌଣସି ସ୍ୱାଧୀନତା ନଥିଲା।

ମନ୍ତ୍ରୀ ସୁବୁଦ୍ଧି ଏକାଧିକଥର ରାଜାଙ୍କୁ କହିଲେ, "ଏ ଗୁଲାମମାନଙ୍କୁ ସ୍ୱାଧୀନତା ଦିଆଯାଉ। ତେଣିକି ସେମାନେ ନିଜ ଇଚ୍ଛାରେ ପରିଚାରକ ଭାବରେ ରହିଲେ ରହିବେ, ନହେଲେ ଚାଲିଯିବେ।"

ରାଜା କହୁଥାନ୍ତି, "ଆରେ ବାବୁ, ଗୁଲାମର ପିଲାଏଁ ଗୁଲାମ ହେବେ, ଏଥିରେ ଅସ୍ୱାଭାବିକ କ'ଣ?" ମନ୍ତ୍ରୀ ଚୁପ୍ ରହିଯା'ନ୍ତି।

ଦିନେ ମନ୍ତ୍ରୀ ରାଜାଙ୍କୁ କହିଲେ, "ସବୁ ରାଜାମାନଙ୍କ ପାଇଁ ସ୍ୱତନ୍ତ୍ର ଶ୍ମଶାନ ଥାଏ। ଆମର ନାହିଁ। ଏହା ଠିକ ନୁହେଁ। ଆପଣ ଆସନ୍ତୁ। ରାଜକୀୟ ଶ୍ମଶାନ ନିମନ୍ତେ ନୂତନ ସ୍ଥାନ ନିରୂପଣ କରିବା।"

ମନ୍ତ୍ରୀ ଶ୍ମଶାନର ସବୁ ଅସ୍ଥି ଏକତ୍ର କରି ରଖିଥାନ୍ତି। ରାଜା ସେଠାକୁ ଯିବାରୁ କହିଲେ, "ମହାରାଜ! ଏହି ଅସ୍ଥିମାଳା ଭିତରୁ ଆମକୁ ବର୍ତ୍ତମାନ ଆପଣଙ୍କ ପୂର୍ବପୁରୁଷଙ୍କ ଅସ୍ଥି ଓ ଗୁଲାମମାନଙ୍କ ପୂର୍ବପୁରୁଷଙ୍କ ଅସ୍ଥି ସବୁ ଅଲଗା କରିବାକୁ ପଡ଼ିବ। ଆପଣ ବାଛି ଦେଲେ!"

ରାଜାଙ୍କ ମନକୁ କ'ଣ ଆସିଲା କେଜାଣି, ସେ ଚୁପ୍‌ଚାପ୍ ଉଆସକୁ ଫେରି ଆସି ଗୁଲାମ୍‌ମାନଙ୍କୁ ମୁକ୍ତ ଦେଲେ।



ମୂଲ୍ୟବାନ ଦାଢ଼ୀ

ବୈଜୁ ଓ ସଜନ୍ ଥିଲେ ଦୁଇ ପ୍ରତିବେଶୀ । ବୈଜୁ ବେଶ୍ ଖୋଲା ହାତରେ ଖର୍ଚ୍ଚ କରେ; ସଜନ୍ କିନ୍ତୁ ଭୀଷଣ କୃପଣ । ସେତିକି ନୁହେଁ, ସଜନ୍ ନିର୍ମମ ଭାବରେ ଅନ୍ୟମାନଙ୍କୁ ହଇରାଣ କରେ । କରମ୍ ବୋଲି ଜଣେ ଗରିବ ତା'ଠୁ କରଜ ନେଇ ଠିକ୍ ସମୟରେ ଦେଇ ନ ପାରିବାରୁ ସେ ତା' ଘର ଖଣ୍ଡିକ ନେଇଗଲା ।

ସଜନ୍‌ର ପୁଣି ନିଜ ବୁଦ୍ଧି ସମ୍ପର୍କରେ ଗର୍ବ କମ୍ ନୁହେଁ । ସେ କହୁଥାଏ, ଆଇନ୍ କାନୁନ୍‌ରେ ତାକୁ କେହି କେବେହେଲେ ଠକିଦେଇ ପାରିବେ ନାହିଁ । ପ୍ରତିବେଶୀ ବୈଜୁ ଆଗରେହିଁ ସେ ବାରମ୍ବାର ଏପରି ଫୁଟାଣି ଦେଖାଉଥାଏ । ବୈଜୁ ପ୍ରତିବାଦ କରେନାହିଁ, କିନ୍ତୁ କ୍ରମେ ତାକୁ ସଜନ୍‌ର ଫୁଟାଣି ଅସହ୍ୟ ଲାଗିଲା ।

ବୈଜୁର ମୁହଁ ଓ ମୁଣ୍ଡ ଖୁବ୍ ଚିକ୍‌କଣ । ସଜନ୍ ଗୋଟାଏ ସୌଖିନ୍ ଦାଢ଼ୀ ମଧ୍ୟ ରଖିଥାଏ ।

ଦିନେ ଦୁଇ ପରିବେଶୀ ଗପସପ କରୁଛନ୍ତି, ବୈଜୁ କହିଲା, "ଭାଇ ସଜନ୍ ! ତୁମ ଦାଢ଼ୀ ଭଳି ଆଉ ଗୋଟାଏ ବି ଦାଢ଼ୀ ମୁଁ ଆଜି ଯାଏ ଦେଖିଲି ନାହିଁ । କେତେ ଦେଶ ବୁଲିଲିଣି । କିନ୍ତୁ ଏମିତି ମସୃଣ, ସୁନ୍ଦର ଦାଢ଼ୀ କାହିଁ କେବେହେଲେ ମୋ ଆଖିରେ ପଡ଼ିନାହିଁ । ଯେତେ ଦେଖିଲେ ବି ମନରୁ ଦେଖିବାର ବାସନା ଦୂର ହୁଏ ନାହିଁ ।"

ଗର୍ବରେ ଫୁଲି ସଜନ୍ କହିଲା, "ସତ କଥା । ଏ ଦାଢ଼ୀ ବହୁ ପରିଶ୍ରମ କରି ମୁଁ ପ୍ରସ୍ତୁତ କରିଛି । କେତେ ଲୋକ ଏହାକୁ କିଣି ନେବାକୁ ପ୍ରସ୍ତାବ ଦେଇଛନ୍ତି । ମୁଁ ରୋକ୍‌ଠୋକ୍ ନାହିଁ କରି ଦେଇଛି ।"

ପଚିଶବର୍ଷ ତଳର 'ଚନ୍ଦାମାମା'ରୁ ଗୃହୀତ

Digitization by :-
Deb's Library Corner...

"ସତେ ? ତେବେ ଭାଇ, ଯଦି କେବେ ଦାଢ଼ୀଟି ବିକି କରିବାକୁ ମନସ୍ଥ କରିବ, ତେବେ ଆଉ କାହାକୁ ନ ବିକି ମୋତେ ବିକିବ । ମୁଁ ଯେତେହେଲେ ତମର ପ୍ରତିବେଶୀ ଓ ବନ୍ଧୁ ।" ବୈଜୁ କହିଲା ।

ଏ ପ୍ରସ୍ତାବରେ ସଜନ୍‌ର ଆଖିରେ ଲୋଭ ଚମକ ଉଠିଲା । ସତରେ କେହି ତା' ଦାଢ଼ୀ କିଣିବାକୁ ମନ କରିବ, ଏହା ସେ କଳ୍ପନା କରି ନଥିଲା । ସେ ଗମ୍ଭୀର ହୋଇ କହିଲା, "ହଁ, ହଁ, ଉପଯୁକ୍ତ ମୂଲ୍ୟ ପାଇଲେ ତମକୁହିଁ ଦେବି । ଯେତେହେଲେ ଅନ୍ୟ ସମସ୍ତଙ୍କଠାରୁ ତମର ଦାବୀ ଅଧିକ !"

"ଭାଇ, କେତେ ଦାମ ପାଇଲେ ଦେବ ?" ବିନମ୍ର ଭାବରେ ପଚାରିଲା ବୈଜୁ ।

"ଅନ୍ୟମାନେ ଦେଢ଼ ହଜାର ଦେବାକୁ ରାଜି ଅଛନ୍ତି । ମୁଁ ଇଚ୍ଛାକଲେ ଦୁଇହଜାର ବଢ଼ାଇ ପାରେଁ । ତେବେ ତମକୁ ହଜାରେ ଟଙ୍କାରେ ଦେଇଦେବି ।" ଅଳ୍ପ ହସି ସଜନ୍ କହିଲା ।

"ଭାଇ, ମୁଁ ତମକୁ ଆପାତତଃ ଦେହଟଙ୍କା ଦେଉଛି । ବାକି ଟଙ୍କା ସଂଗ୍ରହ କଲେ ଦେବି । ଯେ ପର୍ଯ୍ୟନ୍ତ ନଦେଇ ପାରିଛି, ଦାଢ଼ୀ ତମଠିଁ ଥାଉ, କିନ୍ତୁ ତାହା ମୋର ସମ୍ପତ୍ତି ବୋଲି ଗଣ୍ୟ ହେବ । ତମେ ତାକୁ ହେପାଜତ୍‌ରେ ରଖିବ । ରାଜି ?" ବୈଜୁ କହିଲା ।

"ହଁ, ହଁ । ସେଥିରେ ଆପତ୍ତି କ'ଣ ?" ସଜନ୍ ଉତ୍ସାହରେ ସମ୍ମତି ଜଣାଇଲା ।



ସେହି ଅନୁସାରେ କାଗଜପତ୍ରରେ ପରସ୍ପର ଦସ୍ତଖତ୍ କଲେ ।

ବାସ୍! ପର ମୁହୂର୍ତ୍ତରୁ ଅବସ୍ଥା ବଦଳିଗଲା । ବୈଜୁ ସଜନ୍‌ର ଦାଢ଼ୀକୁ ଜୋରରେ ଟାଣିଦେଇ କହିଲା, "ଓହୋ ! ମୁଁ କେତେ ଗର୍ବିତ ।"

ପରଦିନ ସେ ଗୋଟାଏ କଇଞ୍ଚି ଧରି ପହଞ୍ଚିଗଲା ଓ ବୈଜୁର ଦାଢ଼ୀରୁ ମେଞ୍ଚାଏ କାଟି ପକାଇଲା ।

"ଆହା, ଆହା, ଇଏ କ'ଣ କଲ ?" ବୈଜୁ ଆଶ୍ଚର୍ଯ୍ୟ ଏବଂ ଦୁଃଖିତ ହୋଇ ପଚାରିଲା ।

"ଭୁଲି ଯାଉଛ କି ଏ ଦାଢ଼ୀ ମୋର ? ମୁଁ ମୋ ଦାଢ଼ୀରେ କଇଞ୍ଚି ଚଳାଇଲେ ତମର

ଆପତ୍ତି କ'ଣ ?" ଏହା କହି ସେ ଦାଢ଼ୀଟାକୁ ଟାଣିଦେଲା ।

ସଜ୍ଜନ୍ ମହା ଅଡୁଆରେ ପଡ଼ିଲା । ତାକୁ ଯିଏ ଦେଖିଲା, ସିଏ ପଚାରିଲା, "କହୋ, ଦାଢ଼ୀ ଖଣ୍ଡିଆ କଲା କିଏ ?"

"ଆରେ ବାବୁ, ଏ ଦାଢ଼ୀ ମୋର ନୁହେଁ, ବୈଜୁର !" ସଜ୍ଜନ୍ ଉତ୍ତର ଦେଲା ।

ଲୋକେ ଆଶ୍ଚର୍ଯ୍ୟ ହେଲେ । କେହି କେହି ଭାବିଲେ ସଜ୍ଜନ୍‌ର ମୁଣ୍ଡ ଖରାପ ହୋଇ ଗଲାଣି । ଲୋକେ ସେପରି ଭାବିବା ଫଳରେ ସଜ୍ଜନ୍‌ର କାରବାର ମାନ୍ଦା ପଡିଗଲା । ଲୋକେ ତାକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଅନାଇବାକୁ ଲାଗିଲେ ।

ଏଣେ ବୈଜୁ ଯେତେବେଳେ ସେତେବେଳେ ଆସି ସଜ୍ଜନ୍‌ର ଦାଢ଼ୀ ଧରି ତା'ର ରୂପ ବଦଳାଇବା ପାଇଁ ଚେଷ୍ଟା କରେ । ପୁଣି ସେଥିରେ ଆଙ୍ଗି ରଙ୍ଗ ବୋଳିଦିଏ ।

ମଝିରେ ଦୁଇଦିନ ପାଇଁ ବୈଜୁ ବାହାରକୁ ଯାଇଥିଲା । ଆସି ପହଞ୍ଚି ସଜ୍ଜନ୍‌ର ଦାଢ଼ୀ ଧରି ଟାଣି ଦେଲା ଯେ ଦାଢ଼ୀ ପୁରା ଅଲଗା ହୋଇ ଆସିଲା । ସେ କାବା ହୋଇଗଲା ।

"ଇଏ କ'ଣ ? ଇଏ ତ ମୋ ଦାଢ଼ୀ ନୁହେଁ !" ବୈଜୁ କହିଲା । ସଜ୍ଜନ୍ ସ୍ୱୀକାର କଲା ଯେ ବୈଜୁ ବାରମ୍ବାର ତା' ଦାଢ଼ୀ ଟାଣିବାରୁ ସେ ଦାଢ଼ୀ କାଟି ପକାଇ ନକଲ ଦାଢ଼ୀ ଲଗାଇଥିଲା ।

"କିନ୍ତୁ ମୋ ଦାଢ଼ୀ ବରବାଦ୍ କରିବାର ଅଧିକାର ତମକୁ କିଏ ଦେଲା ?" ବୈଜୁ କୈଫିୟତ୍ ଦାବୀ କଲା । ଦୁହେଁ ବିଚାରକଙ୍କ ପାଖକୁ ଗଲେ । ବିଚାରକ ରାୟ ଦେଲେ; ସଜ୍ଜନ୍ ଚୁକ୍ତି ଭଙ୍ଗ କରି ଦାଢ଼ୀ ବରବାଦ୍ କରିଥିବାରୁ ବୈଜୁ ଯେତିକି ଟଙ୍କା ନେଇ ଦାଢ଼ୀ କିଣିବ ବୋଲି କହିଥିଲା, ସେ ସମୁଦାୟ ଟଙ୍କା ଅର୍ଥାତ୍ ହଜାରେ ଟଙ୍କା, ସେ ବୈଜୁକୁ ଦେବା ଉଚିତ ।

ସଜ୍ଜନ୍ ହଜାରେ ଟଙ୍କା ବୈଜୁକୁ ଦେଲା । ବୈଜୁ ସେ ଟଙ୍କା ନେଇ ଗରିବ କରିମ୍‌କୁ ଦେଇଦେଲା ।





କ୍ରୋଧୀ ସ୍ୱାମୀ

ଗୋଟିଏ ଗାଁରେ ରାମୁ ନାମରେ ଗୃହୀଟିଏ ଥାଏ । ତା' ସ୍ତ୍ରୀର ନାମ ଶାନ୍ତି । ଦୁହେଁ ପରିଶ୍ରମ କରି ଭଲରେ ଚଳନ୍ତି । କିନ୍ତୁ ରାମୁ ଟିକିଏ କଥାରେ ଏତେ ରାଗିଯାଏ ଯେ ତା'ର କଥାବାର୍ତ୍ତା ଓ ବ୍ୟବହାରରେ ସେ ସମ୍ପୂର୍ଣ୍ଣ ବିପରୀତ ଭାବ ଦେଖାଏ । ଶାନ୍ତି ଥିଲା ଅତ୍ୟନ୍ତ ସହନଶୀଳା ।

ଶାନ୍ତି ମନେ ମନେ ଆଶା କରୁଥାଏ, ରାମୁ ଧିରେ ଧିରେ ନିଜ ସ୍ୱଭାବ ବଦଳାଇବ । କିନ୍ତୁ ବାସ୍ତବ କ୍ଷେତ୍ରରେ ସେଭଳି ପରିବର୍ତ୍ତନର କୌଣସି ଲକ୍ଷଣ ଦେଖାଗଲା ନାହିଁ । ତଥାପି ଶାନ୍ତି ସବୁ ସହି ଯାଉଥାଏ ।

କିନ୍ତୁ ସହିବାର ମଧ୍ୟ ଗୋଟାଏ ସୀମା ଅଛି । ଦିନେ ଅତ୍ୟନ୍ତ ଅସହ୍ୟ ବୋଧ କରି ଶାନ୍ତି କହିଲା, "ମୁଁ ତୁମର ରାଗକୁ ସର୍ବଦା ସହ୍ୟ କରୁଛି, ତା' ବୋଲି ତମେ ଦିନକୁ ଦିନ ଅଧିକ ରାଗିବ ? ତମର ଅସୁବିଧା ହେଲେ କହିଦିଅ ମୁଁ ଅନ୍ୟ କୁଆଡ଼େ ଚାଲିଯିବି । ମୁଁ ଏଠି ଯେତେ ପରିଶ୍ରମ କରୁଛି ସେତିକି ପରିଶ୍ରମ ଅନ୍ୟ କେଉଁଠି କଲେ ମୋର ପେଟ ଅପୋଷା ରହିବ ନାହିଁ ।"

ଏକଥା ଶୁଣି ରାମୁ ଖପା ହୋଇ ଉଠି କହିଲା, "ଆଚ୍ଛା, ଠିକ୍ ଅଛି । ତମେ ଯେଉଁଠି ଭଲରେ ରହିବ ସେଠିକି ଯାଅ, ଏଠାରେ ତୁମର କୌଣସି ପ୍ରୟୋଜନ ନାହିଁ ।"

ସେଦିନ କିନ୍ତୁ ସବୁଦିନ ପରି ଶାନ୍ତି ସହି ନଥିଲା । ପ୍ରକୃତରେ ସେ ସେଦିନ ଘର ଛାଡ଼ି ଚାଲିଗଲା ।

ସାରାଦିନ ତ ରାମୁ ରାଗ ଉପରେ ଥିଲା । ରାତି ହେବାରୁ ତା' ମନରେ ଚିନ୍ତା ପଶିଲା । ସେ ଭାବିଲା ତା' ମନ ବଡ଼ବାକୁ ଶାନ୍ତି ହୁଏତ କେଉଁ ପଡ଼ୋଶୀ ଘରେ ଥିବ, ରାତିକୁ

ସୁରେନ୍ଦ୍ର

Digitization by :-
Deb's Library Corner...

ଚାଲି ଆସିବ ନାହିଁ କି! କିନ୍ତୁ ସେ ନ ଆସିବାରୁ ତା'ର ଚିନ୍ତା ଆହୁରି ବଢ଼ିବାକୁ ଲାଗିଲା ।

ଶାନ୍ତା ପିଲାଦିନରୁ ହିଁ ପିତୃମାତୃହୀନା । ମାମୁଁ ଘରେ ବହୁ କଷ୍ଟ ସହି ମଣିଷ ହୋଇଛି । ବିବାହ ପରେ ସେମାନେ ଥରେ ହେଲେ ଶାନ୍ତାକୁ ଦେଖିବାକୁ ଆସି ନାହାନ୍ତି ବା ଘରକୁ ଡାକି ନାହାନ୍ତି ।

ଦ୍ୱିତୀୟଦିନ ଯେତେବେଳେ ଶାନ୍ତା ଘରକୁ ଫେରିଲା ନାହିଁ, ରାମ ଯାଇ ଗାଁରଆଡ଼େ ଖୋଜିଲା । କେଉଁଠି ପାଇଲା ନାହିଁ । ଶେଷରେ ସେ ଶାନ୍ତାର ମାମୁଁ ଘରକୁ ଗଲା । ସେଠାରେ ମଧ୍ୟ ପାଇଲା ନାହିଁ । ରାମ ସ୍ୱଭାବରେ ଖୁବ୍ ରାଗୀ ହେଲେ ମଧ୍ୟ ଶାନ୍ତାକୁ ସେ ଖୁବ୍ ଭଲ ପାଉଥିଲା । ତେଣୁ କେଉଁଠାରେ ତାକୁ ନ ପାଇ ସେ ହତାଶ ହୋଇ ପଡ଼ିଲା । ମନେ ମନେ ସ୍ଥିର କଲା ଶାନ୍ତାକୁ ନ ପାଇଲେ ସେ ଘରକୁ ଫେରିବ ନାହିଁ ।

ଏହାପରି ମନରେ ଭାବି ଭାବି ଯାଉ ଯାଉ ରାସ୍ତାରେ ଦେଖିଲା ଜଣେ ଚିହ୍ନା ଗାଡ଼ିବାଲା ତା'ର ଖାଲି ବଳଦଗାଡ଼ିଟି ନେଇ ଫେରୁଛି । ସେ ନିଜେ ରାମକୁ ଡାକି କହିଲା, "ଭାଇ, ତୁମ ସ୍ତ୍ରୀ ମୋର ଗାଡ଼ିରେ ରାମପୁର ଯାଇଛନ୍ତି । ମୁଁ ତାଙ୍କୁ ସେଠି ଛାଡ଼ି ଫେରୁଛି ।"

ରାମ ତାକୁ ଧନ୍ୟବାଦ ଦେଇ ରାମପୁର ଆଡ଼େ ଚାଲିଲା । ରାମପୁର ସେଠାରୁ ବେଶ୍ ଦୂର । ବଡ଼ ବୁଲାଣି ରାସ୍ତା । କିନ୍ତୁ ଗୋଟିଏ ରାସ୍ତା ଜଙ୍ଗଲ ଭିତର ଦେଇ ଯାଇଛି । ସେଇଟା ସିଧା ରାସ୍ତା, ବହୁତ ଶୀଘ୍ର ପହଞ୍ଚି ଯାଇ ହେବ । ରାମ ମନସ୍ଥ କଲା ଜଙ୍ଗଲ ଭିତର ଦେଇ ଯାଇ ଶୀଘ୍ର ପହଞ୍ଚିବ ।

ଜଙ୍ଗଲ ଭିତରେ ଯାଉ ଯାଉ ସେ ଖୁବ୍ କ୍ଳାନ୍ତ ହୋଇ ପଡିଲା । ଗୋଟିଏ ପାହାଡ଼ ଗୁମ୍ଫା ଓ ଝରଣା ଦେଖି ସେଇଠି କିଛି ପାଣି ପିଇ ବିଶ୍ରାମ କଲା । ସେ ଗୁମ୍ଫାଟି କିନ୍ତୁ କେତେଜଣ ଡାକୁଙ୍କର ଆଡ୍ଡା ସ୍ଥଳୀ । କିଛି ସମୟ ପରେ ପାଞ୍ଚଜଣ ଡାକୁ ଆସି ସେଠାରେ ପହଞ୍ଚିଲେ । ଡାକୁ ସର୍ଦ୍ଦାର ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ତମେ କିଏ ? ଏଠି କାହିଁକି ବସିଛ ?"

"ରାମପୁର ଯାଉଛୁ । କ୍ଲାନ୍ତ ହେବାରୁ ବିଶ୍ରାମ କରୁଛୁ । ଏତକ ବୁଝିପାରୁନା ?" ରାମୁ କହିଲା ।

"ରାମପୁର ଯିବାକୁ ଏପଟେ ରାସ୍ତା କାହିଁ ?" ଡାକୁ ସର୍ଦ୍ଦାର ପଚାରିଲା ।

"[illegible] କହିଦିଅ କେଉଁ ପଟେ ରାସ୍ତା ।" ରାମୁ କହିଲା ।

ଡାକୁମାନେ ପରସ୍ପର ଅନାଇଲେ । ଜଣେ ଚୁପ୍‌ଚାପ୍ ଅନ୍ୟମାନଙ୍କୁ କହିଲା, "ମୋର ଅନୁମାନ, ଇଏ ରାଜାଙ୍କ ଗୁପ୍ତଚର । ଏହାକୁ ମୁଁ ଥରେ ଅଧେ ରାଜଧାନୀରେ ଦେଖିଛି ଭଳି ମନେ ହୁଏ । ଆମେ ସତର୍କ ରହିବା ଉଚିତ । ଏ ଯେଉଁଭଳି କଡ଼ା କଥା କହୁଛି, ତାହା ଜଣେ ସାଧାରଣ ବାଟୋଇ କହିବା ସମ୍ଭବପର ନୁହେଁ ।"

"ଭାଇ, ତମେ ରାଗୁଛ କାହିଁକି କହିଲ ? ତମେ ଜାଣିଛ, ଆମେ କିଏ ?" ଜଣେ ଡାକୁ ପଚାରିଲା ।

"ତମେ କିଏ ? ସ୍ୱର୍ଗରୁ ଓହ୍ଲାଇ ଆସିଛ ବୋଲି ମନେ ମନେ ଭାବୁଛ ପରା! ତମେ କିଏ! ଆହା, କେଡ଼େ ମୂଲ୍ୟବାନ ପ୍ରଶ୍ନ! ତମେମାନେ ଦଳେ ରାଜପୁତ୍ର ହୋଇଥିବ ପରା! ବଣ ଭିତରକୁ ମୃଗୟା ପାଇଁ ଆସିଛ! ନହେଲେ ଦଳେ ସଂସାର ତ୍ୟାଗୀ ସନ୍ନ୍ୟାସୀ! ପରମାର୍ଥ ଖୋଜି ବୁଲୁଛ! ଆହା! କେଡ଼େ ଜବରଦସ୍ତ ପ୍ରଶ୍ନ—ଆମେ କିଏ! ହାଃ ହାଃ !"

ରାମୁର ଏଭଳି ମନ୍ତବ୍ୟରେ ଡାକୁମାନେ ବଡ଼ ଅଡୁଆରେ ପଡ଼ିଲେ । ସେମାନେ ତାକୁ ନେଇ କ'ଣ କରିବେ, ବୁଝି ପାରିଲେ ନାହିଁ । କେତେଜଣ ତା' ଆଗକୁ ବାହାରି ଆସି ତାକୁ ଭଲ କରି ଲକ୍ଷ୍ୟ କଲେ । ସେମାନଙ୍କୁ ଦେଖି ସେ ଡରିଯିବ ବୋଲି ସେମାନେ ଭାବିଥିଲେ । କିନ୍ତୁ ରାମୁ ତ ନିଜ ସମସ୍ୟାକୁ ନେଇ ନିଜ ମନରେ ଅଧୀର । ସେ ଏବେ ସେମାନଙ୍କ ଆଡେ କାହିଁକି ଦୃଷ୍ଟି ଦେବ ?

ରାମୁ ଡାକୁମାନଙ୍କୁ ଦେଖି ନ ଡରିବାରୁ ସେମାନେ ଭାବିଲେ ବୋଧେ ଆଖପାଖରେ ତା'ର କିଏ ଲୋକ ଅଛନ୍ତି । ନହେଲେ ସେ ନିଶ୍ଚୟ ରାଜାଙ୍କ ସୈନ୍ୟ ହୋଇପାରେ ।

ତେଣୁ ସେମାନେ ତା' ପ୍ରତି କିଛି ଖରାପ ବ୍ୟବହାର ନକରି ପ୍ରଶ୍ନ ପଚାରିବାରେ ଲାଗିଲେ ।

"ତମର ସେଠି କ'ଣ କାମ ?" ଜଣେ ଡାକୁ ପଚାରିଲା ।

"ବାଃରେ, କ'ଣ କାମ ? ମୋ ସ୍ତ୍ରୀ ଅଛି ତ ସେଠାରେ ।" ରାମୁ କହିଲା ।

"ଓଃ ଏପରି କଥା । ମୁଁ ତ ସେ ଗ୍ରାମର ସମସ୍ତଙ୍କୁ ଜାଣେ ତୁମ ଶ୍ୱଶୁର କିଏ କୁହ ତ !" ଡାକୁ କହିଲା ।

"ମୋ ଶାଶୂ ଶଶୁର କେବେଠୁ ସ୍ୱର୍ଗପୁରକୁ ଗଲେଣି ଆଉ ତମେ ନାମ ପଚାରୁଛ ?" ରାମୁ କହିଲା ।

"ତାହେଲେ ତୁମ ସ୍ତ୍ରୀ ସେଠାରେ କାହା ଘରେ ଅଛି ?" ଡାକୁ ପଚାରିଲା ।

"ଆରେ ଭାଇ, ସେଇକଥା ଜାଣିବା ପାଇଁ ତ ମୁଁ ରାମପୁର ଯାଉଛି । ଏବେ ମଧ୍ୟ ମୁଁ ଜାଣିନାହିଁ ସେ ସେଠାରେ ଅଛି ନା ଆଉ କୁଆଡ଼େ ଗଲଣି । ତମେ ସବୁ କ'ଣ ଇଆଡୁସିଆଡୁ ପ୍ରଶ୍ନ ପଚାରି ମତେ ହଇରାଣ କରୁଛ !" ରାମୁ ରାଗିଯାଇ କହିଲା ।

ଡାକୁମାନେ ତା'ର କଥାବାର୍ତ୍ତା ଓ ରାଗ ଦେଖି ବହୁତ ସନ୍ଦେହ କଲେ । ସେମାନେ ଭାବିଲେ, ପ୍ରକୃତରେ ସେ ସୈନ୍ୟଦଳଙ୍କୁ ଦୂରରେ ରଖି ଏମାନଙ୍କ ସହ ମୁକାବିଲା କରିବାକୁ ଆସିଛି । ନହେଲେ ଭୟ କରିବା ପରିବର୍ତ୍ତେ କିପରି ସେ ଓଲଟା ରାଗିକରି କଥାବାର୍ତ୍ତା କରୁଛି ? ତେଣୁ ସେମାନେ ପରସ୍ପର ମଧ୍ୟରେ ଆଲୋଚନା କରି ସ୍ଥିର କଲେ ଯେ ଏହି ଲୋକକୁ କିଛି ଧନରତ୍ନ ଦେଇ ସନ୍ତୁଷ୍ଟ କରି ବିଦା କରିଦେଲେ ହୁଏତ ପରେ ଆଉ କିଛି ବିପଦ ନଥିବ ।

ତା'ପରେ ସେମାନେ ଗୋଟିଏ ପୁଟୁଳିରେ କିଛି ସୁନାମୋହର ଓ ମଣିମାଣିକ୍ୟ ରଖି ତାକୁ ଦେଇ କହିଲେ, "ଭାଇ, ଆମେ ତମକୁ ଭାଇ ଡାକୁଛୁ ମାନେ ପ୍ରକୃତରେ ଭାଇ ବୋଲି ମାନିଲୁ । ତମକୁ ଏତକ ଉପହାର ଦେଉଛୁ । କିନ୍ତୁ ତୁମେ ଭୁଲିଯିବ ଯେ ତମେ ଆଜି ଏଠାକୁ ଆସିଥିଲ । ଆମର ଏଇ ଗୁମ୍ଫା କଥା କେଉଁଠି



କହିବ ନାହିଁ । କହିଲେ ଆମ ଜୀବନ ଉପରେ ବିପଦ ଆସିବ । ତୁମେ କ'ଣ ତୁମ ଭାଇମାନଙ୍କର ମୃତ୍ୟୁ ଦେଖି ଖୁସି ହେବ ?" ସେମାନେ କହିଲେ ଓ ତା'ପରେ ତାକୁ ସେଠାରୁ ନେଇ ରାମପୁର ରାସ୍ତାରେ ଛାଡ଼ିଦେଲେ ।

ରାମୁ ଏଥିରେ କୌଣସି ପ୍ରତିକ୍ରିୟା ଦେଖାଇଲା ନାହିଁ । ତାହାଦ୍ୱାରା ଡାକୁମାନେ ତାକୁ ଆହୁରି ଭୟ କଲେ ।

ସେ କିଛି ନକହି ଥଳୀଟି ଧରି ରାମପୁରରେ ପହଞ୍ଚିଲା । ଖବର ନେଇ ଜାଣିଲା ଶାନ୍ତି ବଦ୍ରିନାଥଙ୍କ ଘରେ ଅଛି । ରାମୁ ଖୋଜି ଖୋଜି ଯାଇ ସେଠାରେ ପହଞ୍ଚିଲା ।

ବଦ୍ରିନାଥ ରାମୁକୁ ଦେଖି ପଚାରିଲେ, "ତମେ କିଏ ? ତମର କ'ଣ ଦରକାର ଏଠାରେ ?" ରାମୁ କହିଲା, "ମୁଁ ଟିକିଏ ଶାନ୍ତି ସହିତ କଥା କହିବାକୁ ଚାହେଁ । ସେ ମୋର ସ୍ତ୍ରୀ । ରାଗି ଘରୁ ଚାଲି ଆସିଛି ।"

ବଦ୍ରିନାଥ କହିଲେ, "ଶାନ୍ତି ପରି ଝିଅ ଆଉ ଦ୍ୱିତୀୟ ନାହିଁ । ସାରାଦିନ ସେ କିଛିନା କିଛି କାମ କରୁଛି । ଏପରି ଝିଅଟିଏ ପାଇବା ବଡ଼ ସୌଭାଗ୍ୟର କଥା ।"

ତା'ପରେ ବଦ୍ରିନାଥ ଶାନ୍ତିକୁ ଡ଼ାକିଲେ । ଶାନ୍ତି ଆସିବାରୁ ରାମୁ ତାକୁ ଟିକିଏ ଦୂରକୁ ଡ଼ାକିନେଇ କହିଲା, "ଦେଖ, ତମେ ନିଜ ଘର ଛାଡ଼ି ଏଠି ଚାକର କାମ କରୁଛ । ଏଇଟା କ'ଣ ସୁନ୍ଦର କଥା ?"

ଶାନ୍ତି କହିଲା, "ସୁନ୍ଦର ଅସୁନ୍ଦର ମୁଁ ଜାଣେ ନାହିଁ । ଏଠାରେ ଅନ୍ତତଃ ପ୍ରତ୍ୟେକ କାମରେ ସେମାନେ ଖୁସି ହେଉଛନ୍ତି ଓ ଦିପଦ ମିଠାକଥା କହୁଛନ୍ତି । ସେତିକି ମୋର ବଡ଼ ଆନନ୍ଦ । ତା'ଛଡ଼ା ନିଜେ ରୋଜଗାର କରି ସ୍ୱାଧୀନ ଭାବେ ଅଛି । ବୁଢ଼ାବୁଢ଼ୀ ଅତ୍ୟନ୍ତ ଭଲ ଲୋକ ।"

ରାମୁ କହିଲା, "ମୁଁ ରାଗିଯାଏ ବୋଲି ତମର କଷ୍ଟ ହୁଏ । କିନ୍ତୁ ଜାଣ ମୁଁ ତୁମକୁ ଭିତରେ କେତେ ଭଲ ପାଏ ? ତୁମ ପାଇଁ ମୁଁ ଚାରିଆଡ଼େ ନ ଖାଇ ନ ପିଇ ବୁଲୁଛି ଓ ଖୋଜୁଛି ।"

ରାମୁର ଚେହେରା ଦେଖି ଶାନ୍ତି ତା' କଥା ବିଶ୍ୱାସ କଲା ଓ କହିଲା, "ତେବେ ତମେ

ଏଇଠି ତାଙ୍କ ଜମିବାଡ଼ି ବୁଝି । ମୁଁ ଘରେ କାମ କରିବ ଏଇଠି ରହିବା ଆଉ ସେ ଗାଁକୁ ଫେରିବା ନାହିଁ ।"

ରାମୁ କହିଲା, "ସବୁ କଥା ତୁମକୁ ଏଯାଏ କହିନାହିଁ । ମୋ ରାଗକୁ ତମେ ପସନ୍ଦ କରନାହିଁ । କିନ୍ତୁ ସେଇ ରାଗ ଦେଖି ଡାକୁମାନେ ଡରି ମୋତେ କେତେ ସମ୍ପତ୍ତି ଦେଇଛନ୍ତି ଦେଖ ।" ରାମୁ ତା'ପରେ ସମଗ୍ର ଘଟଣା ବର୍ଣ୍ଣନା କରି ଶାନ୍ତିକୁ ପୁଟୁଳୀ ଖୋଲି ଦେଖାଇଲା ।

ଶାନ୍ତି କହିଲା ମୁଁ ସବୁଥିରେ ଖୁସି ଯେ, କିନ୍ତୁ ଯେଉଁ କ୍ରୋଧୀ ସ୍ୱଭାବ ଯୋଗୁ ମୁଁ ଘର ଛାଡ଼ିଲି ତମେ ଯଦି ସେଥିପାଇଁ ଗର୍ବବୋଧ କରୁଛ, ତେବେ ମୋର ଫେରି ଯିବାର ପ୍ରଶ୍ନ ଉଠୁନାହିଁ ।"

ରାମୁ କହିଲା, "ଦେଖ, କ୍ରୋଧ ହଠାତ୍ କେବେ କେମିତି ଆସିଯାଏ । ଏବେ ଏତେ ଧନ ନେଇ ଅମେ ସୁଖରେ ରହିବା । କ୍ରୋଧ ହେବା ପାଇଁ କୌଣସି ସମ୍ଭାବନା ମଧ୍ୟ ରହିବ ନାହିଁ ।"

ଶାନ୍ତି କ୍ରମେ ସବୁ ବୁଝିଲା ଓ କହିଲା, "କଥା ଦିଅ, କେବେ ଆଉ ରାଗିବ ନାହିଁ, ତେବେ ଯାଇ ମୁଁ ଯିବି । ନହେଲେ ଧନ ପ୍ରତି ମୋର ଆକର୍ଷଣ ନାହିଁ । ଏଠି ତ ମୁଁ କାମ କରି ଶାନ୍ତିରେ ଅନ୍ତତଃ ଅଛି ।"

ରାମୁ ଟିକିଏ ଭାବି କହିଲା, "ସ୍ୱଭାବର ଖରାପ ଗୁଣ ଏତେ ଶୀଘ୍ର ଛାଡ଼ିବା ସହଜ ନୁହେଁ । ହଠାତ୍ ବନ୍ଦ କଲେ ଅନ୍ୟ ବାଟରେ ବାହାରିବ । କିନ୍ତୁ କଥା ଦେଉଛି ମୁଁ ମୋର ସାଧ୍ୟପର୍ଯ୍ୟନ୍ତ ଚେଷ୍ଟା କରିବି ଆଉ କେବେ ନ ରାଗିବାକୁ । କ୍ରମେ ତାହା ମୋ ଭିତରୁ ପୂରାପୂରି ଚାଲିଯିବ । ଏଥର ଚାଲ ଘରକୁ ଫେରିବା ।"

ଶାନ୍ତି ଅଳ୍ପ ହସି ସମ୍ମତି ଦେଲା । ଦୁହେଁ ବଦ୍ରିନାଥ ଓ ତାଙ୍କ ସ୍ତ୍ରୀଙ୍କ ଠାରୁ ବିଦାୟ ନେଇ ଘରକୁ ଫେରିଲେ ।



ଦୁଇ ନିଦ୍ରାଳୁ

ଧର୍ମପୁରର ଜମିଦାରଙ୍କର ଗୋଟାଏ ବଦଭ୍ୟାସ ଥିଲା । ସେ ଥରେ ଶୋଇପଡଲେ କଥା ସରିଲା । କେହି ନ ଉଠାଇଲେ ତାଙ୍କ ନିଦ ଭାଙ୍ଗେ ନାହିଁ । ଆଉ ତାଙ୍କୁ ଜଗାଇବାକୁ କେହି ସହଜରେ ଆଗଭର ହୁଅନ୍ତି ନାହିଁ । ଜମିଦାର ଲୋକ ! କାଳେ ରାଗିଯିବେ !

ତେବେ ଏଭଳି ଅଳସୁଆମି ଯୋଗୁଁ କାମ-ଦାମରେ ବହୁତ କ୍ଷତି ଘଟିଲା । ଜମିଦାର ସ୍ଥିର କଲେ, ଖାସ୍ ତାଙ୍କ ନିଦ ଭଙ୍ଗାଇବା ନିମନ୍ତେ ସେ ଜଣେ ଲୋକ ନିଯୁକ୍ତ କରିବେ । ସେ ଲୋକର କାମ ଯେହେତୁ ତାହାହିଁ ହେବ, ସେ ସେଥିରେ ସଙ୍କୋଚ କରିବ ନାହିଁ ।

"ଗୁମାସ୍ତା ! ଜଣେ ଖାଣ୍ଟି ଲୋକ ଖୋଜି ବାହାର କର । ଯିଏ କଦାପି ତା' କର୍ତ୍ତବ୍ୟରେ ହେଳା କରିବ ନାହିଁ । ମୁଁ ରାଗିଲେ ବି ସେ ମୋ ନିଦ ଯଥା ସମୟରେ ଭଙ୍ଗାଇ ଦେବା ଦରକାର । ବୁଝିଲେ ?" ଜମିଦାର କହିଲେ ।

ଜମିଦାରଙ୍କ ଗୁମାସ୍ତା ନରେନ୍ଦ୍ର ବୋଲି ଯୁବକକୁ ଆଣି ଠିଆ କରାଇଦେଲେ । ନରେନ୍ଦ୍ର କହିଲା ସେ କାମଟି ନେବା ପାଇଁ ସେ ବଡ଼ ଉତ୍ସୁକ । ଜମିଦାର କହିଲେ, "ଭଲ କଥା । ଆଗାମୀ କାଲି ମୁଁ ବସ୍ତୁପୁର ଯିବା କଥା । ମୋତେ ଭୋର ଘଣ୍ଟା ବେଳେ ନିଦରୁ ଉଠାଇ ଦେବୁ ।"

ନରେନ୍ଦ୍ର ଠିକ୍ ଭୋର ଘଣ୍ଟା ବେଳେ ଜମିଦାରଙ୍କୁ ଜଗାଇ ଦେଲା । ସେ ବସ୍ତୁପୁର ଗଲେ ଓ ସନ୍ଧ୍ୟାବେଳକୁ ଫେରି ଆସି ନରେନ୍ଦ୍ରକୁ କହିଲେ, "ବେଶ୍, ତୁ ତୋ କାମ ଆଜି ଠିକ୍ ଭାବରେ କରିଛୁ । ଆଗାମୀ କାଲି ମୋର ଜୟଗଡ଼ ଯିବାର ଅଛି । ସକାଳ ପାଞ୍ଚଟାରେ ଜଗାଇ ଦେଲେ ଚଳିବ ।"

ବାଲମୁକୁନ୍ଦ ଗୁପ୍ତ

Digitization by :-
Deb's Library Corner...

ନରେନ୍ଦ୍ର ତାହାହିଁ କଲା । ଜମିଦାର ଜୟଗଡ଼ ଯାଇ ସନ୍ଧ୍ୟାବେଳକୁ ଫେରିଲେ ।

ନରେନ୍ଦ୍ରକୁ ଡକାଇ ସେ କହିଲେ, "ଏ ମାସ ତ ଆଜି ଶେଷ ହେଉଛି । ତୁ ମାସର ଶେଷ ଦୁଇଦିନ କାମ କରିଛୁ । ଏଇ ନେ ଚାରିଟଙ୍କା । ଆଗାମୀ ମାସ ପୁରା ଦରମା ଷାଠିଏ ଟଙ୍କା ପାଇବୁ !"

ନରେନ୍ଦ୍ର ଚାରିଟଙ୍କା ପାଇ ଖୁସି ହୋଇ ଚାଲିଗଲା । କିଛି ସମୟ ପରେ ଜମିଦାର ତାଙ୍କ ଘର ପଛପଟ ବାରନ୍ଦାକୁ ବାହାରି ଆସି ଶୁଣିଲେ, ନରେନ୍ଦ୍ର ଜଣେ ଯୁବକକୁ କହୁଛି, "ନେ, ତୋ ଭାଗ ଦୁଇଟଙ୍କା । ହେଲା ?"

ଜମିଦାର ହଠାତ୍ ସେ ଦୁଇଜଣଙ୍କ ଆଗକୁ ବାହାରି ପଡ଼ି ପଚାରିଦେଲେ, "କିରେ ନରେନ୍ଦ୍ର ! ସେ ଯୁବକ କିଏ ? ତା'ର ଭାଗ ପୁଣି କ'ଣ ?"

ନରେନ୍ଦ୍ରର ମୁହଁ ଝାଉଁଳି ପଡ଼ିଲା । ସେ କ'ଣ କହିବ କହିବ ବୋଲି ଚେଷ୍ଟା କରି ପାରିଲା ନାହିଁ ।

"କଥା କ'ଣ କହୁନୁ ?" ଜମିଦାର ପୁଣି ପଚାରିଲେ ।

"ହଜୁର୍ ! ଇଏ ମୋର ସାଙ୍ଗ ବୃନ୍ଦାବନ । ଏହାର କାମ ହେଲା ମୋତେ ନିଦରୁ ଉଠାଇବା । ଆପଣଙ୍କୁ ମୁଁ ଯେତେବେଳେ ଉଠାଇବା କଥା, ତା ଆଗରୁ ଇଏ ମୋତେ ଉଠାଇଦିଏ ।" ନରେନ୍ଦ୍ର କୈଫିୟତ୍ ଦେଲା ।

ଜମିଦାର ଆମୋଦିତ ହୋଇ ବୃନ୍ଦାବନକୁ ପଚାରିଲେ, "କିହୋ ! ତମକୁ କିଏ ଉଠାଏ ?"

"ନା, ହଜୁର ! ମୋ ନିଦ ଏମିତ ଗାଢ଼ ନୁହେଁ । ତା'ଛଡ଼ା ବହୁତ ଭୋର ଉଠିବା ମୋର ଅଭ୍ୟାସ ।" ବୃନ୍ଦାବନ କହିଲା ।

"ବେଶ୍ ବେଶ୍ । ଏଣିକି ବୃନ୍ଦାବନ ମୋତେ ନିଦରୁ ଉଠାଇବା କାମରେ ରହିଲା । ଆଉ, ନରେନ୍ଦ୍ର ! ତମ ଚାକିରି ଯିବ ନାହିଁ । ତମେ ବଗିଚା କାମ କର, ଏକା ଦରମାରେ ।" ଜମିଦାର ହସି ହସି କହିଲେ ।





ଶିବ ପୁରାଣ

ସତୀଦେବୀ ଶିବଙ୍କଠାରୁ ବିଦାୟ ନେଇ ନନ୍ଦୀଙ୍କ ସହିତ ଆସି ଦକ୍ଷଙ୍କର ଯଜ୍ଞ-ଶାଳାରେ ପହଞ୍ଚିଲେ । ତାଙ୍କୁ ଦେଖିବା ମାତ୍ରେ ମାତା ପ୍ରସୂତି ଓ ଭାଇଭଉଣୀମାନେ ତାଙ୍କୁ ସ୍ୱାଗତ କଲେ ଓ ହାତ ଧରି ଭିତରକୁ ନେଇଗଲେ । ମାତା ସତୀଙ୍କୁ ଅନ୍ତରାଳକୁ ନେଇଯାଇ ଗୁପ୍ତରେ ବୁଝାଇଲେ, "ଝିଅ, ତୋ ପିତାଙ୍କର ବୟସର ଆଧିକ୍ୟ ଯୋଗୁ ହୁଏତ ମସ୍ତିଷ୍କରେ ଅଳ୍ପ ବିକୃତି ଦେଖା ଦେଇଛି । ଏତେ ବଡ଼ ଯଜ୍ଞରେ ସେ ଶିବଙ୍କୁ ଡାକି ନାହାନ୍ତି ପୁଣି ବରାବର ନିନ୍ଦା କରୁଛନ୍ତି । ତୁ ସେକଥା ମନରେ ଧରିବୁ ନାହିଁ । ଧୈର୍ଯ୍ୟ ଧରି ରହିବୁ ।" ତା'ପରେ ଦୁହେଁ ଯଜ୍ଞ-ଶାଳାକୁ ଗଲେ ।

ସତୀଙ୍କୁ ଦେଖିବା ମାତ୍ରେ ଦକ୍ଷଙ୍କର ଶିବଙ୍କ ପ୍ରତି କ୍ରୋଧ ଆହୁରି ବଢ଼ିଗଲା । ସେ ସତୀଙ୍କୁ ଲକ୍ଷ୍ୟ କରି କହିଲେ, "ତୋ ସ୍ୱାମୀ ଶ୍ମଶାନ-ବାସୀ ଆଉ ପିଶାଚମାନଙ୍କର କର୍ତ୍ତା, ଆମର କିଛି ନୁହେଁ । ତେଣୁ ଯଜ୍ଞରେ ନିମନ୍ତ୍ରଣ ପାଇବାର ଅଧିକାର ତା'ର ନାହିଁ । ସେପରି ଲୋକର ସ୍ତ୍ରୀ ହୋଇ ତୁ ମଧ୍ୟ ଅପବିତ୍ର ହୋଇ ଯାଇଛୁ । କ'ଣ ଏ ପବିତ୍ର ଯଜ୍ଞ ଅପବିତ୍ର କରିବାକୁ ଆସିଛୁ ?"

ଏସବୁ କଥା ଶୁଣି ସତୀ ଭୟଙ୍କର ଭାବରେ ରାଗିଗଲେ । କୁପିତ ହୋଇ ସେ ଦକ୍ଷଙ୍କୁ ଅଭିଶାପ ଦେଇ କହିଲେ, "ଆପଣ ଯଜ୍ଞକର୍ତ୍ତା ଶିବଙ୍କୁ ଯଜ୍ଞଭାଗ ଦେବା ପରିବର୍ତ୍ତେ ତାଙ୍କର ନିନ୍ଦା କରୁଛନ୍ତି ? ଏବେ ମଧ୍ୟ ସମୟ ଅଛି

୨. ବୀରଭଦ୍ର ବିଜୟଂ

Digitization by :-
Deb's Library Corner...



ତାଙ୍କୁ ନିମନ୍ତ୍ରଣ କରନ୍ତୁ । ନଚେତ୍ ଆପଣଙ୍କ ଯଜ୍ଞ ତ ପୂର୍ଣ୍ଣ ହେବନାହିଁ । ପରନ୍ତୁ ସର୍ବନାଶ ହେବ ।"

ସେହି ସଭାରେ ଉପସ୍ଥିତ ଥିବା ଅନେକ ଋଷି ଦକ୍ଷଙ୍କୁ ବୁଝାଇଲେ କି ସତୀଦେବୀଙ୍କ କହିବା ଅନୁସାରେ କାର୍ଯ୍ୟ କର । କିନ୍ତୁ ତଦ୍ୱାରା ଦକ୍ଷଙ୍କର କ୍ରୋଧ ଉପଶମ ହେବା ପରିବର୍ତ୍ତେ ଦ୍ୱିଗୁଣିତ ହେଲା । ସେ କ୍ରୋଧରେ ଚିତ୍କାର କରି କହିଲେ, "ସତୀ ମୋର କନ୍ୟା ହୋଇ ତୁ ମୋର ସର୍ବନାଶ ଚିନ୍ତା କରୁଛୁ ? ତୋ ମୁହଁ ଚାହିଁବାକୁ ମୋର ଇଚ୍ଛା ନାହିଁ । ଏଠାରେ ତୋର ଉପସ୍ଥିତିର କୌଣସି ଆବଶ୍ୟକତା ନାହିଁ ।"

ଏପରି ଅପମାନଜନକ ଶବ୍ଦ ଶୁଣି ସତୀ ଦେବୀଙ୍କ ମନ ଦୁଃଖ ଓ ରାଗରେ ଜଳି ଉଠିଲା । ସେ ଅନୁଭବ କଲେ ଯେ ସ୍ୱାମୀ ଶିବଙ୍କ ଉପଦେଶ ଅମାନ୍ୟ କରି ସେ ପିତୃଗୃହ ଯାତ୍ରା କରିଛନ୍ତି । ଏଠାରୁ ଫେରିଯାଇ କିପରି ସେ ଆଉ ଶିବଙ୍କୁ ମୁହଁ ଦେଖାଇବେ । ସେ କିଛି ସମୟ ପାଇଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲେ । ତା'ପରେ ଚକ୍ଷୁ ମୁଦ୍ରି ସେ ଅନ୍ତରର ଗଭୀର ପ୍ରଦେଶକୁ ଯିବା ମାତ୍ରେ ଏକ ମହତ୍ ଇଚ୍ଛାର ସୃଷ୍ଟି ହେଲା । ସେ ଇଚ୍ଛା କଲେ ଯେ ଏ ଜନ୍ମ ବ୍ୟର୍ଥ ହୋଇଛି ତେଣୁ ପର ଜନ୍ମରେ ସେ ଶିବଙ୍କୁ ପୁଣି ଯେପରି ପାଇବେ ।" ଏହି ଇଚ୍ଛା ନେଇ ସେ ଯଜ୍ଞର ଅଗ୍ନିକୁଣ୍ଡରେ ଝାସ ଦେଇ ପ୍ରାଣ ବିସର୍ଜନ କଲେ ।

ଏହି ଦୃଶ୍ୟ ଦେଖି ସମସ୍ତେ ହାହାକାର କଲେ । ଯଜ୍ଞ ବନ୍ଦ ରହିଲା । ଇତିମଧ୍ୟରେ ମହର୍ଷି ନାରଦ କୈଳାସ ପର୍ବତକୁ ଯାଇ ଶିବଙ୍କୁ ସମସ୍ତ ଘଟଣା ଶୁଣାଇଲେ । ଶିବ ଏ ସମସ୍ତ ଶୁଣି ଭୟଙ୍କର ରୁଦ୍ରଭାବ ପ୍ରକାଶ କଲେ ଓ ତତ୍ ସଙ୍ଗେ ସଙ୍ଗେ ଏକ ଭୟାନକ ହୁଙ୍କାର କରି ନିଜ ଜଟାରୁ କିଛି କେଶ ଉପାଡ଼ି ପର୍ବତ ଉପରେ ପିଟି ଦେଲେ । ତହିଁରୁ ସୃଷ୍ଟି ହେଲେ ଭଦ୍ରକାଳୀ ଓ ବୀରଭଦ୍ର । ବୀରଭଦ୍ରଙ୍କର ଥିଲା ଏକହଜାର ହାତ, ଶରୀରରୁ ଅଗ୍ନି ନିର୍ଗତ ହେଉଥାଏ । ସେ ଶିବଙ୍କୁ କହିଲେ, "ଆଜ୍ଞା ଦିଅନ୍ତୁ କ'ଣ କରିବାକୁ ହେବ ।"

"ବତ୍ସ ବୀରଭଦ୍ର, ତୁ ଓ ଭଦ୍ରକାଳୀ ଦୁହେଁ ନିଜର ଗଣମାନଙ୍କ ସହ ଯାଇ ଦକ୍ଷର ଯଜ୍ଞ ଧ୍ୱଂସ କରିବୁ ଓ ସେଥିରୁ ଭାଗ ନେବାକୁ ଆସିଥିବା ଦେବତା ଓ ଋଷିମାନଙ୍କୁ ଦଣ୍ଡ ଦେବୁ ।" ଶିବ ଆଦେଶ ଦେଲେ ।

ଆଜ୍ଞା ପାଇ ବୀରଭଦ୍ର ଓ ଭଦ୍ରକାଳୀ ସିଂହ ଯୋଚ ହୋଇଥିବା ରଥ ଉପରେ ବସି ନିଜ ଗଣମାନଙ୍କୁ ନେଇ ଚଲିଲେ । ଏଣେ ଦକ୍ଷଙ୍କର ଯଜ୍ଞଶାଳାରେ ଅନେକ ଉତ୍ପାତ ହେବାକୁ ଲାଗିଲା । ଉଲ୍‌କାପାତ ହେଲା । ରକ୍ତବର୍ଷା ହେଲା । ପଶୁ ଓ କୀଟମାନଙ୍କ ଦ୍ୱାରା ଯଜ୍ଞଶାଳା ପୂର୍ଣ୍ଣ ହେଲା । କେହି କେହି ଦକ୍ଷଙ୍କର ନିନ୍ଦା କଲେ । କେହି ବା ସେଠୁ ପଳାଇଗଲେ । ଅନ୍ୟ କେତେକ ଯଜ୍ଞରୁ କିଛି ପାଇବା ଆଶାରେ ବସି ରହିଲେ । ଠିକ୍ ଏହି ସମୟରେ ଭଦ୍ରକାଳୀ ଓ ବୀରଭଦ୍ର ସେମାନଙ୍କ ଗଣମାନଙ୍କ ସହିତ ସେଠାରେ ପହଞ୍ଚିଲେ । ପହଞ୍ଚିବା ମାତ୍ରେ ସେମାନେ ସେଠାରେ ନାନା ଉତ୍ପାତ, ଉପଦ୍ରବ କଲେ । ସମସ୍ତଙ୍କୁ ଧରି ଆଗ ଗୁଡ଼ାଏ ପିଟିଲେ । ଦକ୍ଷଙ୍କୁ ଦେଖିବା ମାତ୍ରେ ବୀରଭଦ୍ର ଭୟଙ୍କର କରାଳ ମୂର୍ତ୍ତି ଧରି ଦକ୍ଷଙ୍କର ଶିରଚ୍ଛେଦ କରି ଯଜ୍ଞକୁଣ୍ଡରେ ନିକ୍ଷେପ କଲେ । ତା'ପରେ ଅନ୍ୟ ଦେବତା ଓ ଋଷିମାନଙ୍କୁ ଲକ୍ଷ୍ୟ କରି ସେ କହିଲେ, "ତମେମାନେ ଯଜ୍ଞ ଭାଗ ପାଇବା ପାଇଁ ଈଶ୍ୱରଦ୍ରୋହୀ ହୋଇ ଏଠାକୁ ଆସିଛ । ଏହାର ଫଳ ଭୋଗ କର ।" ତା'ପରେ ସେମାନଙ୍କୁ ସେ ବହୁତ ଦଣ୍ଡ ଦେଲେ । ଏସବୁ ଦେଖି ଦକ୍ଷ ପତ୍ନୀ ପ୍ରସୂତି ଆସି ବୀରଭଦ୍ରଙ୍କୁ ପ୍ରାର୍ଥନା କରିବାରୁ ସେ ଓ ଭଦ୍ରକାଳୀ ନିଜ ଗଣମାନଙ୍କ ସହ କୈଳାସ ଲେଉଟି ଆସିଲେ ।

ଇତମଧ୍ୟରେ କେତେକ ଋଷି ଓ ଦେବତାମାନେ ବୀରଭଦ୍ରଙ୍କଠାରୁ ମାଡ଼ ଖାଇ ଯାଇ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ ଓ ସମସ୍ତ ଘଟଣା ତାଙ୍କୁ ଶୁଣାଇଲେ । ସେ ଯାଇ ସବୁ ବିଷ୍ଣୁଙ୍କୁ ଶୁଣାଇଲେ । ତା'ପରେ ବ୍ରହ୍ମା, ବିଷ୍ଣୁ, ଦେବତା ଓ ଋଷିମାନେ ସମସ୍ତେ ଗଲେ କୈଳାସ ପର୍ବତକୁ । ସେଠାରେ ପହଞ୍ଚି ଦେଖିଲେ ଶିବ



ଧ୍ୟାନସ୍ଥ । ବୀରଭଦ୍ର ଆଦି ଶିବଗଣ ତାଙ୍କୁ ଘେରି ରହିଛନ୍ତି । କିଛି ସମୟ ଅପେକ୍ଷା କରିବା ପରେ ଶିବଙ୍କର ଧ୍ୟାନ ଭାଙ୍ଗିଲା । ସେ ଏମାନଙ୍କୁ ନେଇ ପାଖରେ ବସାଇଲେ ଓ ଆଗମନର କାରଣ ଜିଜ୍ଞାସା କଲେ । ବିଷ୍ଣୁ କହିଲେ, "ସଦାଶିବ, ଏବେ ଆପଣଙ୍କ ଦୁଃଖ ଓ କ୍ରୋଧକୁ ଭୁଲିଯା'ନ୍ତୁ । ପ୍ରକୃତିର ମାୟା ଭିତରେ ପଡ଼ନ୍ତୁ ନାହିଁ । ନିଜ ଦୋଷର ଫଳ ଦକ୍ଷ ଭୋଗି ସାରିଲେଣି । କିନ୍ତୁ ସେ ଯେଉଁ ଯଜ୍ଞ କରିଥିଲେ ତାହା ସମ୍ପୂର୍ଣ୍ଣ ନ ହେଲେ ପ୍ରକୃତିରେ ବିପର୍ଯ୍ୟୟ ଦେଖା ଦେବ ଓ ପ୍ରାଣୀ ଜଗତ ଉପରେ ମହାବିପଦ ଆସି ପଡ଼ିବ । ତେଣୁ ଆପଣ ଦୟାକରି ତାଙ୍କୁ ବଞ୍ଚାଇ ଦିଅନ୍ତୁ ଓ ଯଜ୍ଞ ପୂର୍ଣ୍ଣ ହେବାକୁ ଦିଅନ୍ତୁ ।"

ଶିବ ବିଷ୍ଣୁଙ୍କୁ କହିଲେ, "ଆପଣଙ୍କ ଇଚ୍ଛାହିଁ କାର୍ଯ୍ୟକାରୀ ହେବ ଓ ମୁଁ ସେଥିରେ ସହାୟତା କରିବି ।" ବ୍ରହ୍ମା, ବିଷ୍ଣୁ ଓ ଶିବ, ସମସ୍ତ ଦେବତା, ଋଷି ଓ ଗଣମାନଙ୍କ ସହ ଦକ୍ଷଙ୍କ ଯଜ୍ଞସ୍ଥଳୀକୁ ଗଲେ । ସେଠାକାର ବାତାବରଣର ବିଭତ୍ସତା ଦେଖି ସେମାନେ ଶିହରି ଉଠିଲେ । ଦକ୍ଷଙ୍କର ମସ୍ତକହୀନ ଶରୀର ମାଟିରେ ଲୋଟୁଥାଏ । ଶିବ ବୀରଭଦ୍ରଙ୍କୁ ଆଦେଶ ଦେଲେ, ଉତ୍ତରକୁ ମୁଣ୍ଡ କରି ଶୋଇଥିବା ପ୍ରାଣୀର ମୁଣ୍ଡକାଟି ନେଇଆସ ।"

କିଛି ସମୟ ପରେ ବୀରଭଦ୍ର ମେଣ୍ଢାର ମୁଣ୍ଡଟିଏ ଧରି ଆସି ପହଞ୍ଚିଲେ । ଶିବ ତାକୁ ଦକ୍ଷଙ୍କ ମୁଣ୍ଡରେ ଯୋଡ଼ିଦେଲେ ଓ ଦକ୍ଷ ଜୀବନଲାଭ କଲେ । ତାଙ୍କ ଦ୍ୱାରା ଯଜ୍ଞ ମଧ୍ୟ ପୂର୍ଣ୍ଣ କରାଗଲା ।

ତା'ପରେ ଦକ୍ଷ ଶିବଙ୍କୁ କ୍ଷମା ମାଗି କହିଲେ, "ମୁଁ ଆପଣଙ୍କର ମହିମା ବିଷୟରେ ନଜାଣି ଆପଣଙ୍କର ନିନ୍ଦା କରିଛି । ଆପଣଙ୍କର ନିନ୍ଦା ଯେଉଁ ମୁଖରେ କରିଛି ସେଇଟା ଏବେ ଆଉ ମୋର ହୋଇନାହିଁ । ଆପଣଙ୍କ କୃପାରୁ ମୁଁ ପୁନର୍ଜୀବନ ଲାଭ କଲି । ମୋର ଅପରାଧ କ୍ଷମା କରି ମୋତେ ରକ୍ଷା କରନ୍ତୁ ।"

ଶିବ ଦକ୍ଷଙ୍କୁ କ୍ଷମା କରି କହିଲେ, "ଦକ୍ଷ ବିନା କାରଣରେ କିଛି ହୁଏ ନାହିଁ । ଆପଣଙ୍କ

ଅପରାଧ କ୍ଷମା କରି ଦେଉଛି । ଏବେ କିଛି ବର ମାଗନ୍ତୁ ।"

ଦକ୍ଷ ତାଙ୍କର ଇଚ୍ଛା ପ୍ରକଟ କରି କହିଲେ ଯେ ଯେପରି ଯଜ୍ଞସ୍ଥଳୀର ନାମ "ଦକ୍ଷବାଟିକା" ଓ ତାଙ୍କ ରାଜ୍ୟରେ ଥିବା ଶିବଙ୍କର ନିଳୟ "ଶିବାଳୟ" ବୋଲି ପରିଚିତ ହେବ ।

ଶିବ ତାଙ୍କର ଇଚ୍ଛା ପୂର୍ଣ୍ଣ କଲେ । ତା'ପରେ ଭଦ୍ରକାଳୀ ଓ ବୀରଭଦ୍ରଙ୍କୁ ଡାକି କହିଲେ, "ଏହି ରାଜ୍ୟର ଦକ୍ଷିଣ ପୂର୍ବ ଦିଗରେ ଯେଉଁ ଗୌତମୀ ନଦୀ ଅଛି, ତମେମାନେ ସେହି ନଦୀ ତଟରେ ନିଜ ଗଣମାନଙ୍କୁ ନେଇ ବାସ କର ।"

ତା'ପରେ ଶିବ ଭଦ୍ରକାଳୀ ଓ ବୀରଭଦ୍ରଙ୍କୁ ଗଣାଧିପତି କରି ସେଠାରେ ସେମାନଙ୍କୁ ପ୍ରତିଷ୍ଠିତ କରାଇ ନିଜେ ସତୀଙ୍କ ଶରୀର ନେଇ ହିମାଳୟକୁ ଚାଲିଗଲେ । ସେଠାରେ ସେ ପୁଣି ତପସ୍ୟାରେ ମଗ୍ନ ହେଲେ ।

ଦକ୍ଷଙ୍କର ଅନ୍ୟତମ କନ୍ୟା ସ୍ୱଧା ପିତୃ-ଦେବତାଙ୍କ ପତ୍ନୀ ଥିଲେ । ତାଙ୍କର ଥିଲେ ତିନୋଟି ସୁନ୍ଦରୀ କନ୍ୟା । ସେମାନଙ୍କ ନାମ ହେଲା ମେନକା, ଧନ୍ୟା ଏବଂ କଳାବତୀ । ସେମାନେ ତିନିଜଣ ଚାରିଆଡ଼େ ସ୍ୱାଧୀନ ଭାବରେ ବିଚରଣ କରୁଥାନ୍ତି ।

ଥରେ ସେମାନେ ବୈକୁଣ୍ଠପୁର ଯାଇ ଲକ୍ଷ୍ମୀନାରାୟଣଙ୍କ ସହିତ ଦେଖା କଲେ ଓ ନାନା ପ୍ରକାର ନୃତ୍ୟଗୀତ କରି ସେମାନଙ୍କୁ ପ୍ରସନ୍ନ କରାଇଲେ । ଏହି ସମୟରେ ହଠାତ୍ ବ୍ରହ୍ମାଙ୍କର ମାନସ ପୁତ୍ରଗଣ ବିଷ୍ଣୁଙ୍କୁ ଦେଖା କରିବାକୁ ଆସିଲେ । ବିଷ୍ଣୁ ଓ ଲକ୍ଷ୍ମୀ ଆସନରୁ ଉଠି ସେମାନଙ୍କୁ ଆଦରରେ ଆଣି ବସାଇଲେ । କିନ୍ତୁ ଏମାନେ ତିନିଜଣ ନିଜ ଆସନ ଛାଡି ଉଠିଲେ ବି ନାହିଁ । ସେମାନଙ୍କର ଶିଷ୍ଟାଚାରହୀନତା ଦେଖି ସନତ୍-କୁମାର କ୍ରୋଧରେ ଜଳି ଉଠି କହିଲେ, "ତୁମ ତିନିଜଣଙ୍କର ଅହଂକାର ଇତିମଧ୍ୟରେ ବଢ଼ି ଯାଇଛି । ତୁମେମାନେ ସ୍ୱର୍ଗରେ ରହିବା ପାଇଁ ଅଯୋଗ୍ୟ । ତେଣୁ ତୁମେମାନେ ପୃଥିବୀବାସୀମାନଙ୍କ ସହିତ ବିବାହ କରି ସେଇଠାରେହିଁ ରୁହ ।"

ଏପରି ଅଭିଶାପ ଶୁଣି ତିନିଜଣ ଚମକି ଉଠିଲେ । ସବୁ ବୁଝିପାରି ସେମାନେ ଅତ୍ୟନ୍ତ ଦୁଃଖିତ ହେଲେ ଓ ନିଜ କର୍ମ ପାଇଁ ପଶ୍ଚାତାପ କରିବାକୁ ଲାଗିଲେ । ତା'ପରେ ସେମାନେ ମୁନିଙ୍କୁ ମିନତି କରି କହିଲେ, "ମହାମୁନି, ଆମେମାନେ ଅଜ୍ଞାନବଶତଃ ଅପରାଧ କରିଛୁ, କ୍ଷମା କରନ୍ତୁ ଓ କୃପା କରି ଆମକୁ ଶାପମୁକ୍ତ କରନ୍ତୁ ।"

ସେମାନଙ୍କ ଉପରେ ଦୟାକରି ମୁନି କହିଲେ, "ଅଭିମାନର ପ୍ରାୟଶ୍ଚିତ ହେଉଛି ମାନଭଙ୍ଗ । ଅଭିଶାପ କାର୍ଯ୍ୟକାରୀ ହେବ, କିନ୍ତୁ ତାହା ଜଗତର କଲ୍ୟାଣ ପାଇଁ । (କୁହାଯାଏ ଏହି ତିନି କନ୍ୟାଙ୍କ ଶକ୍ତିରୁ ପାର୍ବତୀ, ସୀତା ଓ ରାଧା ତିନି ମହାପୁରୁଷଙ୍କ ଶକ୍ତି ହୋଇ ଜଗତର କଲ୍ୟାଣ ପାଇଁ ପୃଥିବୀ ଧରା ପୃଷ୍ଠରେ ମାନବ ଶରୀର ନେଇ ଅବତୀର୍ଣ୍ଣ ହୋଇଥିଲେ) ଅଭିଶାପର କଲ୍ୟାଣମୟ ପରିଣତି କଥା ଶୁଣି ତିନି କୁମାରୀ ସନ୍ତୁଷ୍ଟ ହୋଇ ଚାଲିଗଲେ ।

ହିମବାନ୍ ଥିଲେ ହିମାଳୟ ପର୍ବତର ରାଜା । ସେ ମେନକାଙ୍କୁ ବିବାହ କରିଥିଲେ । ଦିନେ ବ୍ରହ୍ମା, ବିଷ୍ଣୁ ଓ ଅନ୍ୟ ଦେବୀମାନେ ହିମବାନଙ୍କ ପାଖରେ ପହଞ୍ଚିଲେ । ସେ ସେମାନଙ୍କୁ ଖୁବ୍ ଭକ୍ତି ସହକାରେ ସତ୍କାର କରି ସେମାନଙ୍କ ଆଗମନର କାରଣ ଜିଜ୍ଞାସା କଲେ ।

ସେମାନେ କହିଲେ, "ଜଗଜ୍ଜନନୀ ମହାଶକ୍ତି, ସତୀଙ୍କ ରୂପ ନେଇ ଦକ୍ଷଙ୍କ ଘରେ ଜନ୍ମ ନେଇଥିଲେ ସେ ଶିବଙ୍କ ସହିତ ବିବାହ କରିଥିଲେ । ଦକ୍ଷ ଯଜ୍ଞରେ ପତିଙ୍କ ଅପମାନ ସହ୍ୟ କରି ନପାରି ସେ ଶରୀର ତ୍ୟାଗ କରିଛନ୍ତି । ଶିବ ପତ୍ନୀ ବିୟୋଗ ଯୋଗୁ ବୈରାଗୀ ହୋଇ ଉଗ୍ର ତପସ୍ୟାରେ ଲୀନ ଅଛନ୍ତି । ତାଙ୍କର ତପସ୍ୟା ଭାଙ୍ଗୁ ନାହିଁ । ଏଣେ ତାରକାସୁର ତିନିପୁରଯାକ ବୁଲି ବୁଲି ସମସ୍ତଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛି । ଯେ ପର୍ଯ୍ୟନ୍ତ ମହାଶକ୍ତି ଶିବଙ୍କୁ ବିବାହ କରି ଏକ ପୁତ୍ର ଜନ୍ମ ନ ଦେଇଛନ୍ତି ସେ ପର୍ଯ୍ୟନ୍ତ ତାରକାସୁରର ଅତ୍ୟାଚାର ଅପ୍ରତିହତ ରହିଥିବ । କେବଳ ସେହି ମହାନ୍ ପୁତ୍ରହିଁ ତାକୁ ବଧ କରିବେ । ତେଣୁ ଆପଣ ଓ


Sankar

ମେନକା ସେହି ମହାଶକ୍ତିଙ୍କୁ ଉପାସନା କରି ନିଜ କନ୍ୟା ରୂପରେ ଜନ୍ମ ଦିଅନ୍ତୁ ।" ହିମବାନ୍ ସେମାନଙ୍କ କଥା ଆନନ୍ଦରେ ସ୍ୱୀକାର କଲେ ।

ତା'ପରେ ଦେବତାମାନେ ଯାଇ ମହାଦେବୀଙ୍କୁ ପ୍ରାର୍ଥନା କଲେ । ଦେବୀ ପ୍ରକଟ ହେଲେ । ତାଙ୍କ ଶରୀରରେ ଥିଲା କୋଟି ସୂର୍ଯ୍ୟର ତେଜ । ହଜାର ହାତରେ ସେ ଧାରଣ କରିଥିଲେ ନାନା ଆୟୁଧ । ଦେବୀ ପ୍ରକଟ ହେବା ମାତ୍ରେ ଦେବତାମାନେ ପ୍ରାର୍ଥନା କରି କହିଲେ, "ମା, ଆପଣ ଦକ୍ଷକନ୍ୟା ରୂପେ ଜନ୍ମ ନେଇ ଶିବଙ୍କୁ ବିବାହ କରିଥିଲେ । ଦକ୍ଷଯଜ୍ଞରେ ଦକ୍ଷଙ୍କ ଅପମାନବାଣୀ ସହ୍ୟ କରି ନପାରି ଯଜ୍ଞକୁଣ୍ଡରେହିଁ ଶରୀର ତ୍ୟାଗ କରିଥିଲେ । ଆପଣଙ୍କ ବିୟୋଗରେ ଶିବ ସଂସାରବିରାଗୀ ହୋଇ ତପସ୍ୟାରେ ଲୀନ ହୋଇ ରହିଛନ୍ତି । ଏଣେ ଅସୁର ରାଜା ତାରକାସୁର ଦେବତା ଓ ପ୍ରାଣୀମାନଙ୍କ ଉପରେ ଘୋର ଅତ୍ୟାଚାର କରୁଛି । ମା' ଆପଣ ଦୟାକରି ହିମବାନ୍ ଓ ମେନକାଙ୍କ କନ୍ୟା ପାର୍ବତୀ ରୂପରେ ଜନ୍ମ ନିଅନ୍ତୁ । ଆପଣ ଶିବଙ୍କୁ ବିବାହ କଲେ ଯେଉଁ ପୁତ୍ର ଉତ୍ପନ୍ନ ହେବ ସେହିଁ କେବଳ ତାରକାସୁରକୁ ମାରି ପାରିବ । ତା'ର ସେପରି ଅଭିଶାପ ଅଛି । ତଦ୍ୱାରା ସମସ୍ତ ଲୋକ ତା'ର ଅତ୍ୟାଚାରରୁ ମୁକ୍ତ ହେବେ ।" ମହାଦେବୀ ସେମାନଙ୍କ ପ୍ରାର୍ଥନା ସ୍ୱୀକାର କରି ଅଦୃଶ୍ୟ ହୋଇଗଲେ ।

ମେନକା ଓ ହିମବାନ୍ ମଧ୍ୟ ମହାଶକ୍ତିଙ୍କୁ ତପସ୍ୟା କଲେ । କିଛି ଦିନ ପରେ ମହାଶକ୍ତି ସେମାନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ସେମାନଙ୍କ ସମ୍ମୁଖରେ ପ୍ରକଟ ହେଲେ । ମେନକା ଓ ହିମବାନ୍ ନିବେଦନ କଲେ, "ମା ଆପଣ ସନ୍ତୁଷ୍ଟ ହୋଇଥିବାରୁ ଆମେ କୃତଜ୍ଞ ହେଲୁ । ଆପଣ କୃପାକରି ଜଗତ୍ କଲ୍ୟାଣାର୍ଥ ଆମ ପାଖରେ କନ୍ୟା ରୂପରେ ଜନ୍ମ ନିଅନ୍ତୁ ।"

ମହାଶକ୍ତି ସେମାନଙ୍କ ପ୍ରାର୍ଥନା ପୂରଣ କରି "ତଥାସ୍ତୁ" କହି ଅଦୃଶ୍ୟ ହୋଇଗଲେ ।



ସାକ୍ଷୀ କପୋତ

ବାଗଦାଦ୍ ସହରଠୁ କିଛି ଦୂରରେ ଗୋଟିଏ ଜଙ୍ଗଲ ଥାଏ । ସେଠାରେ ଥିବା ଗୋଟିଏ ପାହାଡ଼ ନିକଟରେ ଥାଏ ଜଣେ ଡାକୁ । ସେ ଦୌଡ଼ୁଥିଲା ବାୟୁବେଗରେ, ତା'ର ଅସୀଚାଳନା ଥିଲା ବିଦ୍ୟୁତର ଗତି ପରି । ସର୍ବୋପରି ସେ ଥିଲା ବଳବାନ୍ ଓ ଅତ୍ୟନ୍ତ ନିର୍ଦ୍ଦୟ ।

ଯେ କୌଣସି ପଥିକ ଦେଖିଲେ ଅବିଳମ୍ବେ ସେ ତା' ଉପରେ ଲମ୍ଫ ଦେଇ ତା'ର ସମସ୍ତ ଧନ ଲୁଟି କରି ନେଉଥିଲା ଓ ତା'ର ମୁଣ୍ଡ କାଟି ଦେଉଥିଲା । କାରଣ ତା'ର ସେଇଟା ଥିଲା ଖୁସିର କଥା ।

ଥରେ ବୁଢ଼ାଟିଏ ତା'ର ସାରା ଜୀବନର ସଞ୍ଚିତ ଧନ ଧରି ସେଇ ବାଟରେ ଯାଉଥାଏ ତା' ଝିଅ ଘରକୁ । ହଠାତ୍ ଡାକୁ ଗୋଟାଏ ବଡ଼ ପଥର ଉପରୁ ଡେଇଁ ପଡ଼ିଲା ତା' ଆଗକୁ ଓ କହିଲା, "ଆରେ ବୁଢ଼ା ତୋର ମୃତ୍ୟୁ ସନ୍ନିକଟ । ଆଉ ଆଗକୁ ପାଦ ବଢ଼ାନାହିଁ ।"

ପ୍ରଥମେ ବୁଢ଼ା ନିରୀହ ଭାବରେ ହସିଲା ଓ କହିଲା, "ବାପା! ମୋତେ ଅଟକାଇ ପାଇବ କ'ଣ ? ମୋ ପାଖରେ ଯାହା ଅଛି, ତାହା ମୋ ପାଇଁ ବହୁତ ହୋଇପାରେ; କିନ୍ତୁ ତମ ପାଇଁ ସେ କିଛି ନୁହେଁ । ମୋତେ ମୋ ବାଟରେ ଯିବାକୁ ଦିଅ ।"

"ପାଟି କରନା । ବର୍ତ୍ତମାନ ତୁ ମୃତ୍ୟୁମୁଖକୁ ଯିବୁ । ତୋର ଅନ୍ୟ ଗତି ନାହିଁ !" ଡାକୁ ନିଷ୍ଠୁର ଭାବରେ କହିଲା ।

ବିଚରା ବୁଢ଼ା ଭୟରେ କମ୍ପି କମ୍ପି କହିଲା, "ବୁଢ଼ାଟାକୁ ମାରି ତୁମର କି ଲାଭ ହେବ । ଏ ଥଳିରେ ଯାହା ଅଛି ପଛେ ନିଅ ମୋତେ ଛାଡ଼ିଦିଅ ।" ବୁଢ଼ା ଅନେକ କାକୁତି ମିନତି କଲା ନିଜ ଜୀବନରକ୍ଷା ପାଇଁ । ସବୁକଥାକୁ

Digitization by :-
Deb's Library Corner...

ଡାକୁ ଏକ ଭୟାନକ ଅଟ୍ଟହାସରେ ଉଡ଼ାଇ ଦେଇ ଓ ବୁଢ଼ାକୁ ମାରିବାକୁ ଗଲା । ମୃତ୍ୟୁ ପୂର୍ବରୁ ବୁଢ଼ା ଅନନ୍ୟୋପାୟ ହୋଇ ଉଡ଼ି ଯାଉଥିବା କପୋତଟିକୁ ଡାକି କହିଲା, "ହେ କପୋତ, ତୁ ମୋର ସାକ୍ଷୀ ରହିଲୁ । ଏହା ଏକ ଜନମାନବଶୂନ୍ୟ ପ୍ରଦେଶ । ମୁଁ ଏ ଲୋକ ନିକଟରେ କୌଣସି ଅପରାଧ କରିନାହିଁ । ସେ ମୋର ସାରା ଜୀବନର ସଞ୍ଚିତ ସମସ୍ତ ଧନ ମଧ୍ୟ ନେଉଛି ଓ ମୋତେ ଅସହାୟ ଅବସ୍ଥାରେ ହତ୍ୟା କରୁଛି । ଭଗବାନ୍ ଯଦି ମୋର ପ୍ରାର୍ଥନା ଶୁଣନ୍ତି ତୋରି ଯୋଗୁ ଏ ନିଜର ଦଣ୍ଡ ପାଇବ ।" ତା'ପରେ ଡାକୁ ବୁଢ଼ାକୁ ମାରି ତା' ମୁଣ୍ଡ ଫୋପାଡ଼ି ଦେଲା ।

ଅନେକ ଦିନ ବିତିଗଲା । ଡାକୁର ବହୁତ ଧନ ଜମା ହେବାରୁ ସେ ପାହାଡ଼ ଛାଡ଼ି ସହରରେ ଘର ଖଣ୍ଡେ କରି ସ୍ତ୍ରୀ ପିଲା ନେଇ ଭଦ୍ର ନାଗରିକଙ୍କ ସହିତ ଖୁସିରେ ଦିନ କଟାଇଲା । ସେ ଥିଲା ସହରର ସବୁଠାରୁ ଧନୀ ଲୋକ । ତେଣୁ ତା' ସହିତ ସୁଲତାନ୍‌ଙ୍କ ସହ ଅଚିରେ ବନ୍ଧୁତ୍ୱ ସ୍ଥାପନ ହେଲା ।

ପ୍ରାୟ ସବୁଦିନେ ସେ ରାଜବାଟୀକୁ ଆସେ । ସେ ଓ ସୁଲ୍‌ତାନ୍ ଦୁହେଁ ବସି ପଶା, ବା ସତରଞ୍ଚ ଖେଳ ଖେଳନ୍ତି । ତା'ପରେ ସେ ସୁଲ୍‌ତାନଙ୍କ ସହିତ ରାତି ଭୋଜନ କରି ଘରକୁ ଫେରେ । କ୍ରମେ ବନ୍ଧୁତା ଗାଢ଼ତର ହେଲା । ଦୁହେଁ ଖୁବ୍ ମଦ ପିଅନ୍ତି । ଡାକୁ ଯେତେବେଳେ ଅତ୍ୟନ୍ତ ନିଶାଗ୍ରସ୍ତ ହୋଇପଡ଼େ ସେ ଆନନ୍ଦରେ ତା'ର ଡାକୁ ଜୀବନର ଘଟଣାରୁ କିଛି କିଛି କହେ । ସୁଲତାନ୍ ଠିକିଏ ଠିକିଏ ଶୁଣନ୍ତି ।

ଦିନେ ସୁଲତାନ୍ ଓ ଡାକୁ ଖାଇବାକୁ ବସିଛନ୍ତି, ସୁଆରୀ ଆଣି କିଛି କପୋତ ମାଂସର ତରକାରୀ ପରଶିଲା । ସେଇଟା ଦେଖି ଡାକୁ ଅଟ୍ଟହାସ କରି ଉଠିଲା ।

ସୁଲତାନ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "କ'ଣ ହେଲା, ଏତେ ହସୁଛ କାହିଁକି? ରନ୍ଧାରେ କିଛି ତ୍ରୁଟି ଅଛି କି? ନା ଚାକରର ବ୍ୟବହାରରେ କିଛି ତ୍ରୁଟି ଦେଖିଲ?

"ନା, ନା, ସେସବୁ କିଛି ନୁହେଁ!" ଡାକୁ କହିଲା ।

"ତେବେ ହସର କାରଣ କ'ଣ ?" ସୁଲତାନ୍ ପୁଣି ପଚାରିଲେ ।

ଡ଼ାକୁ କିଛି ସମୟ ଚୁପ୍ ରହିଗଲା । ମଦ ଖାଇ ତ ହୋସ୍ ନ ଥାଏ । ଟିକିଏ ପରେ ମାଂସକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା, "ଏହି କପୋତ ମାଂସ ଦେଖି ମୋର ଗୋଟିଏ ପୁରୁଣା କଥା ମନେ ପଡ଼ିଗଲା ବୋଲି ହସିଲି । ମୁଁ ଯେତେବେଳେ ପାହାଡ଼ ପାଖରେ ଡ଼ାକୁ ଥିଲି, ଥରେ ଜଣେ ବୃଦ୍ଧକୁ ଧରିଲି; ତା'ର ସବୁ ଧନ ଲୁଟି ନେବା ପରେ ତାକୁ ମାରିବାକୁ ଯିବା ପୂର୍ବରୁ ସେ ଚାରିଆଡ଼କୁ ଚାହିଁ ଦେଖିଲା କେହି ନାହିଁ । ଆକାଶରେ କପୋତଟିଏ ସେତେବେଳେ ଉଡ଼ି ଯାଉଥିଲା, ତାକୁ ଦେଖି ବୁଢ଼ା କହିଲା, 'ହେ କପୋତ, ମୋ ପରି ଏକ ନିରପରାଧି ବ୍ୟକ୍ତି ପ୍ରତି ଏ ଅତ୍ୟାଚାର ଓ ଏ ହତ୍ୟାର ସାକ୍ଷୀ ତୁ ରହିଲୁ ।' ସେକଥା ମନେ ପଡ଼ି ମୁଁ ହସୁଛି । କାରଣ କପୋତଟାଏ କ'ଣ କାହାର ସାକ୍ଷୀ ଦେଇପାରେ ?" ଏକଥା କହି ଡ଼ାକୁ ପୁଣି ହସିବାକୁ ଲାଗିଲା ।

ସୁଲତାନ ତାଙ୍କ ବନ୍ଧୁଙ୍କର ଏଭଳି ଜୀବନ ଚରିତ ଶୁଣି ସ୍ତବ୍ଧ ହୋଇ ବସି ରହିଲେ । ଯାହାକୁ ସେ ଜଣେ ଅତ୍ୟନ୍ତ ଅଭିଜାତ ବ୍ୟକ୍ତି ବୋଲି ମନେ କରିଥିଲେ, ସେ ବାସ୍ତବରେ ଖାଲି ଡାକୁ ମାତ୍ର ନୁହେଁ, ଜଣେ ନରଘାତକ ମଧ୍ୟ, ଏକଥା ହୃଦୟଙ୍ଗମ କରି ତାଙ୍କର ଶୋଚନାର ସୀମା ରହିଲା ନାହିଁ । ସେ ଆଶ୍ଚର୍ଯ୍ୟ ହୋଇ ଡାକୁ ଆଡେ ଅନାଇ ରହିଲେ । ଡାକୁ ହସୁଥାଏ । ତା' ମୁହଁରେ ଲୁଚ ରହିଥିବା



ଯେଉଁ ନିଷ୍ଠୁରତା ଆଜିପର୍ଯ୍ୟନ୍ତ ସୁଲତାନ୍‌ଙ୍କ ଆଖିରେ ଧରା ପଡ଼ି ନଥିଲା, ତାହା ବର୍ତ୍ତମାନ ଜଳ ଜଳ ହୋଇ ଦେଖାଗଲା । ମାନବ-ଚରିତ୍ର ସମ୍ପର୍କରେ ତାଙ୍କର ନୂତନ ଧାରଣା ହେଲା ।

ଡାକୁ ଆଉ ଥରେ ମଦ ନିଶାରେ ମତ୍ତ ହୋଇ କହିଲା, "କେତେ ଲୋକଙ୍କୁ ମାରିଛି, କିନ୍ତୁ ସେ ବୃଦ୍ଧ ଭଳି ବୋକା ଲୋକ ଆଜିଯାଏ ଦେଖି ନାହିଁ । ମରିବା ବେଳକୁ ଆଉ କାହାକୁ ନପାଇ କପୋତକୁ କହୁଛି ତା ଦୁର୍ଦ୍ଦଶାର ସାକ୍ଷୀ ରହିବା ପାଇଁ! ହାଃ ହାଃ!"

ସୁଲତାନ ସବୁ ଶୁଣି ଭାବିବାକୁ ଲାଗିଲେ । ଏତିକିବେଳେ ଡ଼ାକୁ ଥାଳିଆରୁ ମାଂସ ଖଣ୍ଡେ ଅଙ୍ଗୁଳିରେ ଧରି କହିଲା, "ଆରେ ମୂର୍ଖ କପୋତ, ତୁ ସେଇ ବୁଢ଼ାର ସାକ୍ଷୀ କି? ସାକ୍ଷୀ କପୋତ ନହେଲେ ବି ସାକ୍ଷୀ କପୋତର ବନ୍ଧୁବାନ୍ଧବ ତ ନିଶ୍ଚୟ ହୋଇଥିବୁ!" ଡ଼ାକୁ ପୁଣି ଅଟ୍ଟହାସ କଲା ।

ହଠାତ୍ ସୁଲତାନ୍ ରାଗିଗଲେ, ସେ ଗର୍ଜି ଉଠି କହିଲେ, "ଶୀଘ୍ର ଖାଇ ନିଅ । ତୁମେ ବୃଦ୍ଧକୁ ଯେତେ କଷ୍ଟ ଦେଇ ହତ୍ୟା କରିଛ ତା'ର ସାକ୍ଷ୍ୟ କପୋତ ଦେଇ ସାରିଛି । ମରିବାବେଳେ ବୃଦ୍ଧର କପୋତ ଉପରେ ଯେଉଁ ଗଭୀର ବିଶ୍ୱାସ ଥିଲା ତା'ର ମୂଲ୍ୟ ସୁଲତାନ୍ ଭାବରେ ମୁଁ ନିଶ୍ଚୟ ଦେବି ।" ସୁଲତାନ୍ କହିଲେ ।

ଡ଼ାକୁର ସେତେବେଳକୁ କ୍ରମେ ଜ୍ଞାନ ହେଲାଣି । ସେ ଭୟରେ ଥରିଲା ଅ.ଉ ଖାଇ ପାରିଲା ନାହିଁ ।

ସୁଲତାନ୍ ତତ୍‌କ୍ଷଣାତ୍ ତାଙ୍କର ଦେହରକ୍ଷୀ-ମାନଙ୍କୁ ଡ଼ାକି ଆଦେଶ ଦେଲେ, "ଏହି ପଶୁକୁ ନେଇ ଯାଇ ଅବିଳମ୍ବେ ଶୀଘ୍ର ଶିରଚ୍ଛେଦ କର ।"

ଆଦେଶ ଅବିଳମ୍ବେ ପାଳିତ ହେଲା । ମୃତ ବୃଦ୍ଧର ଶେଷ ଇଚ୍ଛା କପୋତ ଦ୍ୱାରା ହିଁ ପୂର୍ଣ୍ଣ ହେଲା ।

ଲୋପ ପାଉଥିବା ପଶୁପକ୍ଷୀ

ପ୍ରକୃତି ଅନେକ ପ୍ରକାର ପଶୁପକ୍ଷୀ ସୃଷ୍ଟି କରିଥିଲା । କିନ୍ତୁ ଆମେ ସେମାନଙ୍କୁ ଭଲ ଭାବରେ ରକ୍ଷା ନ କରିବା ଯୋଗୁ କାଳକ୍ରମେ ସେମାନଙ୍କ ସଂଖ୍ୟା କମ୍ ହୋଇ ଯାଇ ସେମାନେ ସମ୍ପୂର୍ଣ୍ଣ ଲୋପ ପାଇ ଯିବାର ଆଶଙ୍କା ଥାଏ । ପୂର୍ବ ଶତାବ୍ଦୀର ମଧ୍ୟ ଭାଗରେ ଉତ୍ତର ଆମେରିକାରେ ହେଉଥିବା ଭୋଜିମାନଙ୍କରେ ଆକର୍ଷଣୀୟ ଖାଦ୍ୟ ଥିଲା କପୋତ ମାଂସ । ସେମାନେ ସର୍ବଦା ଦଳ ବାନ୍ଧି ରହନ୍ତି । ମିଚିଗନ୍ ଓ ପେନ୍‌ସିଲ୍‌ଭେନିଆ ପ୍ରଦେଶରେ ବର୍ଷକ ମଧ୍ୟରେ ଦେଢ଼କୋଟି କପୋତଙ୍କୁ ଆହାର ପାଇଁ ମାରିଦିଆ ଯାଇଥିଲା । କାଳକ୍ରମେ ସେମାନଙ୍କ ସଂଖ୍ୟା କମିଗଲା ଓ ଅଠରଶହ ଅଠାଅଶୀ ବେଳକୁ ସେମାନେ ସମ୍ପୂର୍ଣ୍ଣ ଲୋପ ପାଇଗଲେ ।

ସେହିପରି ଆହୁରି ଅନେକ ପଶୁପକ୍ଷୀ ପୃଥିବୀରୁ ନିଶ୍ଚିହ୍ନ ହୋଇ ଯାଇଛନ୍ତି । ଇତିହାସ କୁହେ ଆଜିପର୍ଯ୍ୟନ୍ତ ମଣିଷ ଏକଶହ ପ୍ରକାର ପଶୁ ଓ ଏକଶହ ଷାଠିଏ ପ୍ରକାର ପକ୍ଷୀମାନଙ୍କୁ ଧରାପୃଷ୍ଠରୁ ଲୋପ କରି ସାରିଲାଣି । ସିନ୍‌ସିନାଟିର ଚିଡ଼ିଆଖାନାରେ ଉପରୋକ୍ତ ଜାତିର କପୋତଟିଏ ଥିଲା ଯେ ସେ ଉଣେଇଶହ ଚଉଦ ମସିହାରେ ମରିଗଲା । ସମଗ୍ର ଇତିହାସ ଦେଖିଲେ (ମଣିଷ ଓ ପ୍ରକୃତି ଦ୍ୱାରା ଲୋପ ହୋଇଥିବା) ଆଜିପର୍ଯ୍ୟନ୍ତ ଏକ ହଜାର ପ୍ରକାର ପଶୁ ଓ କୋଡ଼ିଏ ହଜାର ପ୍ରକାରର ପକ୍ଷୀ ଲୋପ ପାଇଛନ୍ତି । ସେମାନଙ୍କ ମଧ୍ୟରେ ତିମିଙ୍ଗିଳ ଅନ୍ୟତମ ଜଳଚର ଜୀବ ।

କ୍ୟୁବା ଓ ଦକ୍ଷିଣ ଆମେରିକାରେ ଅନେକ ପୂର୍ବେ ଏକପ୍ରକାର କାଠହଣା ପକ୍ଷୀ ଥିଲା ଯାହାର ଚୂଳ ଥିଲା ରେଶମ ସୂତା ପରି । ଯେଉଁ ଗଛରେ ସେମାନେ ରହୁଥିଲେ ତାକୁ ନଷ୍ଟ କରୁଥିଲେ । ବୋର୍ଣ୍ଣିଓର ଓରାଙ୍ଗ ଉଟାଙ୍ଗ ନାମକ ଲାଙ୍ଗୁଳହୀନ ମର୍କଟ ଓ ଦକ୍ଷିଣ ଆମେରିକାର ଜାଗୁଆର ନାମକ ଚିତାବାଘ ମଧ୍ୟ ଏହି ଲୋପ ପାଉଥିବା ଜାତିର ଅନ୍ତର୍ଗତ ।

ଏବେ ଲୁପ୍ତପ୍ରାୟ ପଶୁପକ୍ଷୀଙ୍କର ବିଶେଷ ତତ୍ତ୍ୱ ଦିଆ ଯାଉଛି ।

ଫଟୋ-ପରିଚୟ-ପ୍ରତିଯୋଗିତା : ପୁରସ୍କାର ଟ. ୫୦

ପୁରସ୍କୃତ ପରିଚୟୋକ୍ତି ଜୁନ୍ ୧୯୮୫ ସଂଖ୍ୟାରେ ପ୍ରକାଶ ପାଇବ

P. V. Subramaniam



Sundara Murty

★ ଉଭୟ ଚିତ୍ର ପାଇଁ ଉପଯୁକ୍ତ ପରିଚୟୋକ୍ତି ଦୁଇ ଶବ୍ଦ ଧାଡ଼ିରେ ଲେଖା ହୋଇଥିବ ଏବଂ ପରସ୍ପର ସମ୍ବନ୍ଧିତ ହୋଇଥିବ ★ ଏପ୍ରିଲ୍ ୧୦ ସୁଦ୍ଧା ପରିଚୟୋକ୍ତି ପହଞ୍ଚିବା ଦରକାର।
★ ସର୍ବାଧିକ ଉପଯୁକ୍ତ ବିବେଚିତ ପରିଚୟୋକ୍ତି ପାଇଁ ଟ. ୫୦-୦୦ ପୁରସ୍କାର ପଠାଯିବ।
★ ପରିଚୟୋକ୍ତି ସହ ପ୍ରେରକଙ୍କର ନାମ ଓ ଠିକଣା ପୋଷ୍ଟକାର୍ଡରେ ଲେଖା ହୋଇ ଚନ୍ଦାମାମା ଫଟୋ ପରିଚୟ ପ୍ରତିଯୋଗିତା, ମାଡ୍ରାସ-୬୦୦୦୨୬ ଠିକଣାରେ ଆସିବା ଆବଶ୍ୟକ।

ଫେବ୍ରୁଆରି ପ୍ରତିଯୋଗିତାର ଫଳ

ପ୍ରଥମ ଚିତ୍ର : ଜୀବନ-ତଟିନୀ କେଉଁଠି ଯେ ପ୍ରଖର ଜୀବନର ଏଇ ଆଦ୍ୟ ସକାଳେ !
ଦ୍ୱିତୀୟ ଚିତ୍ର : ଏଇ ସେ ତଟିନୀ ଶାନ୍ତ ନିସ୍ତରଙ୍ଗ ଜୀବନ-ସନ୍ଧ୍ୟାରେ, ବିଦାୟ ବେଳେ !!

ପୁରସ୍କାର ବିଜୟିନୀ : ସଙ୍ଗୀତାଞ୍ଜଳି ପଣ୍ଡା, ଭୁବନେଶ୍ୱର।

ବିଜୟିନୀଙ୍କୁ ଅଭିନନ୍ଦନ; ସମସ୍ତ ପ୍ରତିଯୋଗୀଙ୍କୁ ଧନ୍ୟବାଦ।

Printed by B. V. REDDI at Prasad Process Private Ltd., and Published by B. VISWANATHA REDDI for CHANDAMAMA CHILDREN'S TRUST FUND (Prop. of Chandamama Publications) 188, Arcot Road, Madras-600 026 (India). Controlling Editor: NAGI REDDI.

The stories, articles and designs contained herein are exclusive property of the Publishers and copying or adopting them in any manner will be dealt with according to law.

ଆପଣଙ୍କ କେଶ
ଆବଶ୍ୟକ କରେ

ରୀଠାର ଯତ୍ନ

ରୀଠା ଏକ ଉତ୍କୃଷ୍ଟ କେଶ ପ୍ରସାଧନ ସାମଗ୍ରୀ ଅତ୍ୟଧିକ ମାତ୍ରାର ନିର୍ଯ୍ୟାସରେ ପ୍ରସ୍ତୁତ ଓ ମନମତାଣିଆ ସୁଗନ୍ଧଯୁକ୍ତ । ଏହା ବିଳାସମୟୀ ପ୍ରାକୃତିକ କେଶ ବଢ଼ାଇବା ଓ ମସ୍ତିଷ୍କ ଥଣ୍ଡା କରିବା ନିଶ୍ଚିତ । ରୀଠା ପୁରୁଷ ଓ ମହିଳା ଉଭୟଙ୍କ ପାଇଁ ଏକ ଆଦର୍ଶ ପ୍ରସାଧନ ଦ୍ରବ୍ୟ ।

ରୀଠା

ରୀଠା ମନୋହର କେଶ ବଢ଼ାଏ

ଆଜି ଏକ ବୋତଲ କିଣନ୍ତୁ
ସବୁଠାରେ କିଣିବାକୁ ମିଳୁଛି

ଭେଟୋ କୋ:, ବମ୍ବେ ❋ କଲିକତା ❋ ମାନ୍ଦ୍ରାଜ

ରାଜୁ ବିନା ବ୍ରଶରେ ପେଣ୍ଟ କରୁଛି

ରାଜୁ ବିନା ବ୍ରଶରେ ପେଣ୍ଟ କରୁଛି ।
ରାଜୁ ପିଲାଟାର ବାଗସାଗ
କିଛି ନ ଥିଲା ।
ଅବଶ୍ୟ ପେଣ୍ଟ କରିବାକୁ ସେ
ଭଲ ପାଉଥିଲା କିନ୍ତୁ ସବୁବେଳେ
ଡାଟିଆରୁ ପାଣି ଗଡ଼ି ହୋଇ
ଯାଉଥିଲା, ଚଟାଣରେ ରଙ୍ଗ ଲେସି
ହୋଇ ଯାଉଥିଲା, ତାର ହାତ ଓ
ଜାମାପଟା ଖରାପ ହୋଇଯାଉଥିଲା ।
କେଉଁ 'ମା' ଏ ସବୁ ସହ୍ୟ କରିବେ ?
''ଏଣିକି ଆଉ ପେଣ୍ଟ କରିବାର ଦରକାର
ନାହିଁ'' ତାର ମା ତାକୁ କହିଦେଲେ ।
ମୋହନ ରାଜୁ ପାଇଁ ଭାରି ଦୁଃଖିତ ହେଲା ।
ସେ ରାଜୁକୁ ତାର ଅଏଲ ପେଷ୍ଟେଲ
ବାକ୍ସ ଦେଖେଇଲା ।
ପାଣିର ଦରକାର ନାହିଁ, ବ୍ରଶର ଦରକାର
ନାହିଁ, ପାଣି ଗଡ଼ି ହେବ ନାହିଁ
କି ରଙ୍ଗ ଲେସି ହେବ ନାହିଁ ।
ଭାରି ସୁବିଧା—ବାକ୍ସରୁ ପେଷ୍ଟେଲ
କାଢ଼ି ମାଟିଙ୍କ ସାଙ୍ଗେ ଡ୍ରଇଙ୍ଗ
କରିଦେବ—ଆଉ ରଙ୍ଗ ଯାହା
ସୁନ୍ଦର, ତାହା ପ୍ରଚୁର ।
ଏମାରଲ୍ଡ ଗ୍ରୀନ, ଲବଷ୍ଟର ଅରେଞ୍ଜ,
ପିକକ୍ ବ୍ଲୁ, ସନଫ୍ଲାୱାର ୟେଲୋ
ଓ ଆଉ ଅନେକ ।
ରାଜୁର ମା ମଧ୍ୟ ତା ପାଇଁ
ଗୋଟିଏ ଅଏଲ ପେଷ୍ଟେଲ ବାକ୍ସ
ଆଣି ଦେଇଛନ୍ତି ।



କ୍ୟାମେଲ
ଅଏଲ ପେଷ୍ଟେଲ୍ସ

୧୨, ୨୪ ଓ
୪୮ ଶେଡରେ ଉପଲବ୍ଧ

କ୍ୟାମଲିନ
ପ୍ରାଇଭେଟ ଲିମିଟେଡ
ଆର୍ଟ ମ୍ୟାଟେରିଆଲ ଡିଭିଜନ
ବମ୍ବେ ୪୦୦ ୦୫୯

କ୍ୟାମଲିନ ଅଭଙ୍ଗା
ପେନ୍ସିଲର ନିର୍ମାତାଙ୍କ ପକ୍ଷରୁ

VISION 792 ORI

Results of Chandamama Camlin Colouring Contest No. 39 (Oriya)

1st Prize: Bidisa Rani Dey, Rourkela 3. 2nd Prize: Kumari Basanti Setch, Maneswar. Sabata Kumari Behera, Baringa. Tarani Sen Pattnayak, Bhubaneshwar. 3rd Prize: Miss Pushpashree Mishra, Bhubaneshwar 2. Birmalendu Satpathy, Dhenkanal. Sri Satyabrata Kumar, Dhenkanal. Bishnu Chandra Satpathy, Bhawani Patna. Miss. Alka Panda, Bhubaneshwar 751001. Subhendu Mishra, Cuttack 9. Saswati Bhunia, Balasore. Dharitri Mohanty, Satya Nagar, Bhubaneshwar 7. Asit Kumar Nayar, Bhubaneshwar.